ଧରିତ୍ରୀ
DHARITRI
April 13 - 19, 2025 ₹ 2/-
ଧରିତ୍ରୀ 51 Years
ଛୁଟିଦିନ





# ପ୍ରାଣୀଙ୍କ ପାଇଁ ପାଣି

ଖରାର ପ୍ରକୋପ ବଢିବା ସହ ବଢିଚାଲେ ଜଳସଙ୍କଟ। ଆଉ ଯାହାର ସବୁଠୁ ବେଶି ଶିକାର ହୁଅନ୍ତି ପକ୍ଷୀ ଓ ପ୍ରାଣୀମାନେ। ତେବେ ସେମାନଙ୍କର ଏହି ଦୁର୍ଦ୍ଦଶା ବ୍ୟଥିତ କରିଛି କିଛି ବ୍ୟକ୍ତି ବିଶେଷଙ୍କୁ। ଯେଉଁଥିପାଇଁ ସେମାନେ ମାଟିପାତ୍ରରେ ବିଭିନ୍ନ ସ୍ଥାନରେ ପାଣି ରଖିବାର ବନ୍ଦୋବସ୍ତ କରୁଛନ୍ତି...

ପ୍ରଚ୍ଛଦ ପ୍ରସଙ୍ଗ
୩



## ଦାମ୍ପତ୍ୟ ଜୀବନରେ ଖୁସି ଚାହୁଁଥିଲେ...

**ବେଳେବେଳେ ସ୍ୱାମୀସ୍ତ୍ରୀଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ କଥା କଟାକଟି ହୋଇଥାଏ। ବାରମ୍ବାର ଏଭଳି ହେଲେ କ୍ରମେ ସମ୍ପର୍କରେ ତିକ୍ତତା ବୃଦ୍ଧିପାଇ ଦାମ୍ପତ୍ୟ ଜୀବନରେ ଦୁଃଖ ଭରିଯାଏ। ଏଥିରୁ କିଭଳି ମୁକ୍ତି ପାଇହେବ ସେ ନେଇ ବାସ୍ତୁଶାସ୍ତ୍ରରେ କିଛିଟା ଉପାୟ କୁହାଯାଇଛି ...**



✲ ସ୍ୱାମୀସ୍ତ୍ରୀଙ୍କ ବେଡ୍‌ରୁମ୍ ଘରର ଉତ୍ତର-ପଶ୍ଚିମ ଦିଗରେ ରହିଲେ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇଥାଏ।

✲ ସ୍ୱାମୀସ୍ତ୍ରୀଙ୍କ ବେଡ୍‌ରୁମ୍‌ର ରଙ୍ଗ ଯେତେ ହାଲ୍‌କା ରହିବ ସେତେ ଭଲ। ସେମାନଙ୍କ ବେଡ୍‌ରୁମ୍‌ରେ ତାଜା ଫୁଲ ରଖିଲେ ତାଙ୍କ ଭିତରେ ଭଲ ପାଇବା ବଢିଥାଏ ବୋଲି ବିଶ୍ୱାସ କରାଯାଏ।

✲ ସ୍ୱାମୀଙ୍କ ବାମପଟେ ପତ୍ନୀଙ୍କୁ ଶୋଇବା ଆବଶ୍ୟକ। କୁହାଯାଏ, ଏହାଦ୍ୱାରା ସମ୍ପର୍କରେ ଭଲ ପାଇବା ବଢିଥାଏ।

✲ ସେମାନଙ୍କ ବେଡ୍‌ରୁମ୍‌ରେ ଯୋଡ଼ା ହଂସର ଫଟୋ କିମ୍ବା ଚିତ୍ରକୁ ଲଗାଇଲେ ସମ୍ପର୍କରେ ନିବିଡ଼ତା ଆସିବା ସହ ରୁମ୍‌ରେ ସକାରାତ୍ମକ ଉର୍ଜ୍ଜାର ବୃଦ୍ଧି ହୋଇଥାଏ।

✲ ଆଜିକାଲି ବିଭିନ୍ନ ମେଟାଲ୍‌ରେ ତିଆରି କରାଯାଉଥିବା ଖୁବ୍ ସୁନ୍ଦର ଡିଜାଇନ୍‌ର ଖଟ ବି ମାର୍କେଟ୍‌ରେ ମିଳିଲାଣି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ସ୍ୱାମୀସ୍ତ୍ରୀ କାଠ ଖଟରେ ଶୋଇଲେ, ଏହାର ସକାରାତ୍ମକ ପ୍ରଭାବ ସେମାନଙ୍କ ଦାମ୍ପତ୍ୟ ଜୀବନ ଉପରେ ପଡିଥାଏ।

✲ ସେହିପରି ସ୍ୱାମୀସ୍ତ୍ରୀ ସର୍ବଦା ଦକ୍ଷିଣ ଦିଗକୁ ମୁଣ୍ଡ ଏବଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇବା ଆବଶ୍ୟକ। ଏହାଦ୍ୱାରା ଶରୀର ଭଲ ରହିବା ସହ ଭଲପାଇବା ବଢିଥାଏ।

✲ ସବୁଠୁ ବଡ଼ କଥା ହେଉଛି, ସୁଖୀ ଦାମ୍ପତ୍ୟ ପାଇଁ ସ୍ୱାମୀସ୍ତ୍ରୀଙ୍କ ଭିତରେ ବିଶ୍ୱାସ ଓ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ୍ ୧୩ - ୧୯

**ମେଷ** – କାର୍ଯ୍ୟସିଦ୍ଧିରୁ ପ୍ରଶଂସା, ବନ୍ଧୁ ସହାୟତା, ସାମାଜିକ ସମ୍ମାନ, ସଭାସମିତିକୁ ନିମନ୍ତ୍ରଣ, ସହକର୍ମୀଙ୍କ ପରାମର୍ଶ, ଆତ୍ମୀୟଙ୍କ ସହଯୋଗ, ବିବାଦର ଅବସାନ, ଦୂରଯାତ୍ରା ଯୋଜନା, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ଏଜେନ୍ସିର ପ୍ରସାର, ଲେଖାପଢାରେ ଅଭିରୁଚି ॥

**ବୃଷ** – କର୍ମଜଞ୍ଜାଳ ବୃଦ୍ଧି, କର୍ମ ସମ୍ପାଦନରେ ଆନନ୍ଦ, ପାରିବାରିକ କଳହ, ମାତୃବର୍ଗରେ ପୀଡା, ପୈତୃକ ସମ୍ପତ୍ତିରେ ବିବାଦ, ଭୁଲ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ମିତ୍ରତା ବନ୍ଧନରେ ଆବଦ୍ଧ, କଳାପ୍ରିୟ ହେବେ, ଆର୍ଥିକ ଦୂରବସ୍ଥା ॥

**ମିଥୁନ** – ପାରିବାରିକ ସଦ୍‌ଭାବ, ପଡୋଶୀଙ୍କ ପ୍ରତାରଣା, ବୟସ୍କଙ୍କ ପରାମର୍ଶ, ଭୁଲ୍ ବୁଝାମଣାରୁ କଳହ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସରକାରୀ ସହାୟତା, ସତ୍‌ସଙ୍ଗର ସୁଯୋଗ, ସମସ୍ୟା ସମାଧାନ, ସ୍ଥଗିତ କାର୍ଯ୍ୟାରମ୍ଭ, ବନ୍ଧୁପ୍ରସ୍ତାବ ଆସିବ ॥

**କର୍କଟ** – ସ୍ୱାସ୍ଥ୍ୟସମସ୍ୟା ବୃଦ୍ଧି, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତା, ନୂତନସମ୍ପର୍କ ସୃଷ୍ଟି, ଉଚ୍ଚବର୍ଗଙ୍କ ସମାଲୋଚନା, ଧର୍ମଚର୍ଚ୍ଚା ପ୍ରତି ଅଭିରୁଚି, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ, ଇଚ୍ଛା ବିରୁଦ୍ଧରେ କାମ ॥

**ସିଂହ** – ନୂତନ ଯୋଜନାରମ୍ଭ, ବୈଷୟିକ ଅଭିବୃଦ୍ଧି, ଅପ୍ରିୟଭାଷଣରୁ ବିତର୍କ ସହକର୍ମୀଙ୍କ ବିରୋଧ, ସମ୍ପର୍କୀୟଙ୍କ ସାହାଯ୍ୟ, ସାହିତ୍ୟ ସାଧନାରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଭ୍ରମଣହେତୁକ କ୍ଲାନ୍ତି, ସ୍ଥାନାନ୍ତର ଘଟିପାରେ ॥

**କନ୍ୟା** – ମାନସିକ ଅସ୍ଥିରତା, ଅହେତୁକ ଚିନ୍ତା, ବନ୍ଧୁ ଭୁଲ୍ ବୁଝିବେ, ହିତୈଷୀଙ୍କ ପରାମର୍ଶ, ନିର୍ମାଣର ପୂର୍ଣ୍ଣାଙ୍ଗତା, ନୂତନ ପ୍ରକଳ୍ପାରମ୍ଭ, ଆଲୋଚନାରୁ ଉଚ୍ଚବାଚ, ବିବାଦୀୟ ପରିସ୍ଥିତି, ଆରୋଗ୍ୟ ଲାଭ, ସହକର୍ମୀଙ୍କ ଉଦାରତା, ଆତ୍ମୀୟଙ୍କ ସମାଦର ॥

**ତୁଳା** – ଶୁଭଖବର ପାଇବେ, ବିଶିଷ୍ଟବ୍ୟକ୍ତିଙ୍କ ନିମନ୍ତ୍ରଣ, ପୂର୍ବସ୍ଥିରୀକୃତ ବନ୍ଧୁମିଳନ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରା ବିଳମ୍ବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ଭୁଲ ବୁଝାମଣା ଦୂର ହେବ, ବିବାହ ପ୍ରସ୍ତାବ ଆସିବ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ନୂତନ ନିଯୁକ୍ତି ଖବର ॥

**ବିଛା** – ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, ବୁଦ୍ଧିଜିବୀଙ୍କ ପରାମର୍ଶ, ସ୍ଥିରସିଦ୍ଧାନ୍ତ ନେବେ, ବନ୍ଧୁବର୍ଗଙ୍କୁ ମିଶିବେ, ସମସ୍ୟା ସମାଧାନ, ସ୍ତ୍ରୀଙ୍କ ପ୍ରେରଣା, ଶୁଭଖବର ପ୍ରାପ୍ତି, ପିଲାଙ୍କ ସହ ଖୁସଗପ, ଅତିଥିଚର୍ଚ୍ଚାରୁ ଆନନ୍ଦ ॥

**ଧନୁ** – ପରୋପକାରରୁ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପଡୋଶୀଙ୍କ ପ୍ରତାରଣା, ପ୍ରତିବନ୍ଧକ ଦୂର ହେବ, ଧାରକରଜ କରିବେ, ନିର୍ମାଣରେ ବିବାଦ, ସନ୍ଦେହ ଘେରରେ ପଡିପାରନ୍ତି, ବୁଝାମଣାରେ ଉନ୍ନତି, ବାଣିଜ୍ୟରେ ଉନ୍ନତି, ଯାତ୍ରାସ୍ଥଗିତ ରହିଯିବ ॥

**ମକର** – କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପଦାଧିକାରୀଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନ, ନୂତନସମ୍ପର୍କ ସୃଷ୍ଟି, ଋଣ ପରିଶୋଧ କରିବେ, ବ୍ୟବସାୟରେ କ୍ଷତି, ଠକାମିରେ ପଡିପାରନ୍ତି, ପାରିବାରିକ ଅଶାନ୍ତି ॥

**କୁମ୍ଭ** – ସହକର୍ମୀଙ୍କ ସହଯୋଗ, ଉପରିସ୍ଥଙ୍କ ଅନୁକମ୍ପା, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ପିତୃବର୍ଗରେ ପୀଡା, ଧୈର୍ଯ୍ୟଚ୍ୟୁତି ଘଟିପାରେ, ବିବାଦୀୟ ପରିସ୍ଥିତି, ପଦମର୍ଯ୍ୟାଦା ବୃଦ୍ଧି, ତୀର୍ଥାଟନର ସୁଯୋଗପ୍ରାପ୍ତି, ସାହିତ୍ୟ ସଙ୍ଗୀତରେ ଅଭିରୁଚି ॥

**ମୀନ** – ଯାତ୍ରାରେ ସଫଳତା, ଆମୋଦପ୍ରମୋଦର ମଉକା, ଆତ୍ମୀୟଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରୁ ସମ୍ମାନ, ବ୍ୟବସାୟିକ ଉତ୍କର୍ଷତା, ବିଦେଶ ଯାତ୍ରାର ସୁଯୋଗ, ରଚନାତ୍ମକ କାମରୁ ପ୍ରଶଂସା, ଗବେଷଣାରେ ସଫଳତା, ପ୍ରକାଶନରେ ବିଳମ୍ବ, ବିଦେଶଯାତ୍ରାର ସୁଯୋଗ ॥

# ସ୍ୱାସ୍ଥ୍ୟୋପଯୋଗୀ ତରଭୁଜ



ଖରାଦିନେ ତରଭୁଜର ଚାହିଦା କାହିଁରେ କେତେ ରହିଥାଏ। ଏହା ଏମିତି ଏକ ଫଳ ଯାହାକୁ ଖାଇଲେ କିମ୍ବା ତା'ର ଜୁସ୍ ପିଇଲେ, ଶରୀରକୁ ବେଶ୍ ତାଜା ଅନୁଭବ ହୁଏ। ଭୋକ ଲାଗୁଥିଲେ, ଏହି ଜୁସ୍‌ରୁ ଗୋଟେ ଗ୍ଲାସ୍ ପିଇଦେଲେ ପେଟ ସହ ମୁଣ୍ଡ ବି ଥଣ୍ଡା ହୋଇଯାଏ ; ଯଦ୍ୱାରା ମନରେ ରାଗ ଆସୁଥିଲେ ତାହା ବି କିଛି ସମୟ ପାଇଁ କମିଯାଏ। ଏଥିରେ ଭିଟାମିନ୍-ଏ ରହୁଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ଲାଭଦାୟକ ହୋଇଥାଏ। ସେହିପରି ଏଥିରେ ଲାଇକୋପିନ୍‌ର କିଛି ମାତ୍ରା ରହୁଥିବା ଯୋଗୁ ଏହା ତ୍ୱଚାରେ ଚମକ ଆଣିବାରେ ବି ସହାୟକ ହୋଇଥାଏ। ହୃଦ୍ ସମ୍ବନ୍ଧୀୟ ରୋଗରୁ ମଧ୍ୟ ଉପଶମ ଦେବାରେ ତରଭୁଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସେହିପରି କୁହାଯାଏ, ନିୟମିତ ତରଭୁଜ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବି ବୃଦ୍ଧି ହୁଏ। ଏହାକୁ କେବଳ ଖାଇପାରିବେ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ସ କମିବା ସହ ଚେହେରାରେ ଚମକ ଆସିଥାଏ। ଏହାର ମଞ୍ଜି ବି ବହୁତ ଲାଭଦାୟକ ହୋଇଥାଏ। ଏହାକୁ ବାଟି ତ୍ୱଚାରେ ଲଗାଇଲେ ତ୍ୱଚାର ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ବି ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ସାଧାରଣରେ ବିବେଚନା କରାଯାଇଥାଏ।

## ପାଠକୀୟ

✲ ଭାଷା ହିଁ ଗୋଟିଏ ଜାତିର ଆତ୍ମପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜ୍ଜିତ ଓ ସମୃଦ୍ଧ। ଯାହାକୁ ଗୁରୁତ୍ୱ ଦେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଉ ଆଜି ବି କେତୋଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

***– ସୁକାନ୍ତ ମହାନ୍ତି, ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର***

✲ 'ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଗୋଲାପ ଫୁଲର ବାସ୍ତୁ ମହତ୍ତ୍ୱ', 'ୱିଣ୍ଡ ଚାଇମ୍ ଲଗାଉଥିଲେ' ଆଦି ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା। ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ବର୍ଷୀୟାନ୍ ଅଭିନେତ୍ରୀ ଜୟା ସ୍ୱାମୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ପ୍ରଦ୍ୟୁତ ବେହେରା, ଢେଙ୍କାନାଳ***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ବରିଷ୍ଠ ସଂସ୍କୃତ ଶିକ୍ଷକ ତଥା ସାହିତ୍ୟିକ ସୁରେନ୍ଦ୍ର କୁମାର ଦାଶଙ୍କ ଜୀବନି ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମଶାଣି' ଶୀର୍ଷକ ଗପଟି ବି ଖୁବ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଖୋଜୁଛନ୍ତି ଆଲିଆ', 'ଶ୍ରୁତିଙ୍କ ନୂଆ ଯୋଜନା', 'ଅଭ୍ୟାସ କରୁଛନ୍ତି ଅନନ୍ୟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ***– ପୁନିତ୍ ପୃଷ୍ଟି, ଭଦ୍ରକ***

✲ ଓଡ଼ିଆ ଅର୍ଥ ସେବା ଅଧିକାରୀ କଳ୍ପନାରାଣୀ ଛୁଆଲସିଂହଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ସମର୍ ହେୟାର୍ ଷ୍ଟାଇଲ୍' ସମ୍ପର୍କରେ ବହୁ ଉପାଦେୟ କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସିଡ୍ଡୁନ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

***– ପଦ୍ମନାଭ ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା***

✲ ସହର ପୃଷ୍ଠାରୁ 'ଟାଇଗର୍ ପଏଣ୍ଟ ଜଳପ୍ରପାତ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ଜାପାନୀଙ୍କ ଦୀର୍ଘାୟୁ ହେବାର ରହସ୍ୟ କ'ଣ ତାହା ବିବିଧା ପୃଷ୍ଠାରୁ ଜାଣିବାକୁ ମିଳିଲା। 'ଅଣ୍ଡାକୃତିର ଟେବୁଲ' ପାଠଟିର ଉପସ୍ଥାପନା ଶୈଳୀ ବି ଖୁବ୍ ସୁନ୍ଦର ଥିଲା। ***– ଜ୍ୟୋସ୍ନା ମିଶ୍ର, ଭୁବନେଶ୍ୱର***

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରୋବୋ ବଟ୍‌ଲର', 'ଡ୍ରାଗନ୍ ଟେମ୍ପୁଲ', 'ପନିପରିବା ବାଦ୍ୟଯନ୍ତ୍ରରେ କନସର୍ଟ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ପ୍ରେରଣାଦାୟୀ ବି ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଦେବତା, ଭଗବାନ୍ ଓ ଈଶ୍ୱର' ଶୀର୍ଷକ ପାଠଟି ବେଶ୍ ହୃଦୟଛୁଆଁ ହୋଇଥିଲା।

***– ରମ୍ଭା, ଶ୍ୱାତୀ, ଯାଜପୁର***

## ବିଶେଷ ଚିଠି




ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ତୁମ ସାଥୀର ଉତ୍ତର
ମନ କିଣି ନେଉଥିଲା ମୋର,
ନୂଆ ନୂଆ ଖବର
ବଖାଣୁଥିଲା ପୁଣି ତୁମ ସହରଠୁ ଦୂର।
ସତରେ ହେ ଛୁଟିଦିନ
ତୁମେ ସବୁଠୁ ସୁନ୍ଦର ସବୁଠୁ ନୂତନ।
***– ପ୍ରକାଶ ସାହୁ, ଫୁଲବାଣୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପ୍ରାଣୀଙ୍କ ପାଇଁ ପାଣି



**ଖରାର ପ୍ରକୋପ ବଢିବା ସହ ବଢିଚାଲେ ଜଳସଙ୍କଟ। ଆଉ ଯାହାର ସବୁଠୁ ବେଶି ଶିକାର ହୁଅନ୍ତି ପକ୍ଷୀ ଓ ପ୍ରାଣୀମାନେ। ତେବେ ସେମାନଙ୍କର ଏହି ଦୁର୍ଦ୍ଦଶା ବ୍ୟଥିତ କରିଛି କିଛି ବ୍ୟକ୍ତି ବିଶେଷଙ୍କୁ। ଯେଉଁଥିପାଇଁ ସେମାନେ  ମାଟିପାତ୍ରରେ ବିଭିନ୍ନ ସ୍ଥାନରେ ପାଣି ରଖିବାର ବନ୍ଦୋବସ୍ତ କରୁଛନ୍ତି...**

**ଖ**ରା ବଢିବା ସହ କୂଅ, ପୋଖରୀ, ନଇ, ନାଳ ସୁଖିଯାଏ। ଯେଉଁଥିପାଇଁ ମଣିଷଙ୍କ ସହ ବିଭିନ୍ନ ପ୍ରାଣୀ ଓ ପକ୍ଷୀମାନେ ପାଣି ପାଇଁ ତହଳ ବିକଳ ହୁଅନ୍ତି। ଆଉ ଏଥିରେ ସହର ବଜାରର ଅବସ୍ଥା ତ ଆହୁରି ସାଂଘାତିକ। ଏଠାରେ ଖୋଲା ଜଳାଶ୍ରୟ ପ୍ରାୟତଃ ନ ଥାଏ। ତେଣୁ ବିଭିନ୍ନ ପ୍ରାଣୀ ଓ ପକ୍ଷୀମାନେ ପିଇବା ପାଣି ନ ପାଇ ମୃତ୍ୟୁବରଣ ବି କରନ୍ତି। ଏହାକୁ ନଜରରେ ରଖି ଏବେ ଅନେକ ଲୋକ ଓ ବିଭିନ୍ନ ଅନୁଷ୍ଠାନ ସେମାନଙ୍କ ପିଇବା ପାଇଁ ପାଣିର ବନ୍ଦୋବସ୍ତ କରୁଥିବାର ଦେଖିବାକୁ ମିଳୁଛି, ଯାହା ନିଶ୍ଚିନ୍ତଭାବେ ଏକ ସୁନ୍ଦର ପ୍ରୟାସ ବୋଲି କୁହାଯିବ।

**ପକ୍ଷୀଟିଏ ପାଇଁ ଜଳଟୋପେ :** ଖରାଦିନେ କିପରି ପକ୍ଷୀମାନେ ପାଣିଟୋପେ ପିଇବା ପାଇଁ କଲବଲ ନ ହୋଇ ଆରାମରେ ପାଣି ପିଇପାରିବେ ସେଇକଥା ଚିନ୍ତା କରିଥିଲେ କିଛି ଯୁବଗୋଷ୍ଠୀ। ପାଣି ଟୋପେ ପିଇବାକୁ ଦିଅ ବୋଲି କହିପାରୁ ନ ଥିବା ପ୍ରାଣୀଙ୍କ ମନ କଥା ବୁଝିଲେ ଏହି ଯୁବଗୋଷ୍ଠି। ଆରମ୍ଭ ହେଲା '**ଭଏସ ଫର୍ ଭଏସ ଲେସ**'।  ଏହି ସଂଗଠନଟି ୨୦୧୩ ମସିହାରେ ନୀଳାଦ୍ରି ବିହାର ନୟାବଜାର କଟକରେ ଆରମ୍ଭ ହୋଇଥିଲା। ଏହାର ସମ୍ପାଦକ **ବିଭୁଦତ୍ତ ଖଣ୍ଡାୟତରାୟ** କୁହନ୍ତି, 'କଥା କହି ପାରୁ ନ ଥିବା ପଶୁପକ୍ଷୀଙ୍କ ପାଇଁ କାମ କରିଆସୁଛି। ଏହି ସଂସ୍ଥା ପଶୁପକ୍ଷୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ସହ ତାଙ୍କ ସୁରକ୍ଷା ପାଇଁ କାମ କରିଥାଏ ।ଏହାବାଦ ଅସହାୟ ଲୋକ ଓ ପରିବେଶ ପାଇଁ ମଧ୍ୟ କାମ କରିଥାଏ। ଆମେ ବିଶେଷକରି  ଖରାଦିନ ଆରମ୍ଭ ହେବା ପୂର୍ବରୁ ପ୍ରତିବର୍ଷ ପଶୁପକ୍ଷୀମାନଙ୍କ ପାଇଁ ଜଳପାତ୍ର ଏବଂ ଖାଦ୍ୟର ବ୍ୟବସ୍ଥା କରିଥାଉ। ଏପରି କି ଯଦି କୌଣସି ଜୀବଜନ୍ତୁଙ୍କ ଦେହ ଅସୁସ୍ଥ ଥିବାର ନଜରକୁ ଆସେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଆଯାଇ ଚିକିତ୍ସା କରାଯାଏ। ଏହି ସଂସ୍ଥା ଜରିଆରେ ଆମେମାନେ  ଏଭଳି କାମ କରିବା ସହିତ ଅନେକ ଜାଗାରେ ସଭାସମିତି କରି ଜନ ସଚେତନତା ସୃଷ୍ଟି କରାଇଥାଉ। ଏହାର ସଭାପତି ଭାବେ ସୁମନ୍ତ ସ୍ୱାଇଁ, ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ପାଲ, ବିନୋଦ ପ୍ରସାଦ ରାଉତ, ସମ୍ବିତ କୁମାର ରାୟ, ପ୍ରିୟଙ୍କା ପାଲ, ବିଜୟଲକ୍ଷ୍ମୀ ବେହେରାଙ୍କ ସହଯୋଗରେ ପ୍ରତ୍ୟେକ ସେବାକାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଥାଏ । ଖରାଦିନେ 'ପକ୍ଷୀ ଟିଏ ପାଇଁ ଜଳଟୋପେ' କାର୍ଯ୍ୟକ୍ରମ କରି ଜନସଚେତନତା ସୃଷ୍ଟି କରିଆସୁଛୁ। ଆମେ ଜୀବଜନ୍ତୁ ଓ ପକ୍ଷୀଙ୍କ ଲାଗି ପିଇବା ପାଣି ବ୍ୟବସ୍ଥା ନିମନ୍ତେ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ପାତ୍ରର ବ୍ୟବସ୍ଥା କରିଛୁ।

**ଏଥିରେ ମାନସିକ ଶାନ୍ତି ମିଳୁଛି:** ଖରାଦିନେ ବାହାରେ ବୁଲୁଥିବା ପ୍ରାଣୀମାନେ କେମିତି ପାଣି ମୁନ୍ଦାଏ ପିଇପାରିବେ ସେହି କଥା ଚିନ୍ତା କରିଥିଲେ ଜାତୀୟ ସ୍ତରୀୟ ସେବା ପୁରସ୍କାର ପାଇଥିବା ଯୁବକ **ସୁଶାନ୍ତ କୁମାର ସାହୁ**। ସେ ଦେଖୁଥିଲେ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ପକ୍ଷୀ ଓ ପ୍ରାଣୀମାନେ ଜଳଟୋପେ ପାଇଁ ବହୁ କଲବଲ ହେଉଛନ୍ତି। ତେଣୁ ସେ ସେମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବାକୁ ଚିନ୍ତା କଲେ। ଏଥିପାଇଁ ସେ ପାଣିପାତ୍ରର ବ୍ୟବସ୍ଥା କରି ରାସ୍ତାକଡ଼ରେ ଥିବା କେତେକ ଗଛରେ ବାନ୍ଧି ଦେଇଥାନ୍ତି। ପ୍ରତିଦିନ ବଡ଼ିଭୋରରୁ ସେ ଏସବୁ କରିଥାନ୍ତି। ସୁଶାନ୍ତ କୁହନ୍ତି, 'ପ୍ରଥମେ ମୁଁ ରହୁଥିବା ପୋଖରୀପୁଟ ଅଞ୍ଚଳରେ ପ୍ରାଣୀ ଓ ପକ୍ଷୀଙ୍କ ଲାଗି ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କଲି। ଏଥିପାଇଁ ଘର ଛାତ ଉପରେ ପାଣି ରଖିବା ସହ ଘର ନିକଟରେ ଥିବା ଗଛରେ ଛୋଟଛୋଟ ମାଟି ପାତ୍ରରେ ଜଳ ରଖିଲି। ପାରା ଓ ଅନ୍ୟ ପକ୍ଷୀମାନେ ପ୍ରତିଦିନ ଆସି ପାଣି ପିଇଥାନ୍ତି। ଯାହା ମତେ ଖୁବ୍ ଆତ୍ମସନ୍ତୋଷ ଦେଇଥାଏ। ମୋ ମତରେ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ସମ୍ମୁଖରେ ଥିବା ଯେକୌଣସି ଗଛ କିମ୍ବା ଜାଗାରେ ଜୀବଜନ୍ତୁ ଓ ପକ୍ଷୀଙ୍କ ଲାଗି ପିଇବା ପଣିର ବ୍ୟବସ୍ଥା କରିବା ଉଚିତ। ଣ୍

**ସେମାନେ ପିଇଲେ ଆନନ୍ଦ ଲାଗେ:** ଜଙ୍ଗଲ କ୍ଷୟ, ବହୁଳମାତ୍ରାରେ କଳକାରଖାନା, ଜଳବାୟୁ ପରିବର୍ତ୍ତନ ଫଳରେ ଜୈବବିବିଧତା ଉପରେ କୁପ୍ରଭାବ ପଡୁଛି। ଏଥିଯୋଗୁ ସୃଷ୍ଟି ହେଉଛି ବିଶ୍ୱ ତାପାୟନ ଆଉ ବୃଦ୍ଧି ପାଉଛି ତାପମାତ୍ରା । ଏମିତି  ପରିସ୍ଥିତିରେ ଜୀବଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷା ଲାଗି ଚିନ୍ତା କରୁଥିବା ଜଣେ ସାମାଜିକ କର୍ମୀ ହେଲେ **ପ୍ରତାପ କୁମାର ସାହୁ** । ପ୍ରତିବର୍ଷ ଖରାଦିନ ଆରମ୍ଭ ହେବାମାତ୍ରେ ସେ ବାହାରି ପଡ଼ନ୍ତି ଜୀବଜନ୍ତୁ ଓ ପକ୍ଷୀଙ୍କ ପାଇଁ ପିଇବାପାଣିର ବ୍ୟବସ୍ଥା କରିବାକୁ । ଏଥିପାଇଁ ସେ ନିଜ ପକେଟମନିରୁ ସଞ୍ଚିତ ଅର୍ଥରେ  ମାଟିପାତ୍ର  କିଣିଥାନ୍ତି।  ଭୁବନେଶ୍ୱର ରାସ୍ତାକଡ଼ରେ  ଥିବା  ବିଭିନ୍ନ  ବୃକ୍ଷ  ଡାଳରେ ସେହି  ସବୁ  ମାଟିର  ପାଣିପାତ୍ର ବାନ୍ଧିବାର  ବ୍ୟବସ୍ଥା  କରିଥାନ୍ତି। ସେ କୁହନ୍ତି, 'ଖରାଦିନେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଅସହ୍ୟ ତାତିରୁ ମଣିଷ, ଜୀବଜନ୍ତୁ ଓ ପଶୁପକ୍ଷୀ ରକ୍ଷାପାଇ ପାରୁନାହାନ୍ତି। ଯେଉଁଥିପାଇଁ ମୁଁ ଜୀବଜନ୍ତୁ ଓ ପକ୍ଷୀଙ୍କ ଲାଗି ପିଇବା ପାଣିର ବ୍ୟବସ୍ଥା  କରିଥାଏ। ଏମିତି ଆଜକୁ ପ୍ରାୟ ୮ବର୍ଷ ହେବ ଏହି କାର୍ଯ୍ୟ କରିଆସୁଛି। ଖଣ୍ଡଗିରି, ଧଉଳିଗିରି, ଡମପଡ଼ା, ନୀଳଦ୍ରିବିହାର ଆଦି ସ୍ଥାନରେ ଥିବା କେତେକ ଗଛରେ ପକ୍ଷୀମାନଙ୍କ ନିମନ୍ତେ ମାଟିପାତ୍ରରେ ପାଣିର ବ୍ୟବସ୍ଥା କରିଥାଏ। ଏମିତି ପାଣି ରଖିବା ଫଳରେ କୁଣ୍ଡାଖିଆଚଢେଇ, ବଣି, କାଉ, ପାରା, ଧବଧଉଳିଆ, କାଠହଣା, ଗୁଣ୍ଡୁଚିମୂଷା, ଏଣ୍ଡୁଅ, ନେଉଳ ଆଦି ପାଣିପିଇଥାନ୍ତି। ଯାହା ମତେ ଖୁବ୍ ଆନନ୍ଦ ଦେଇଥାଏ। ପ୍ରାୟ ଶତାଧିକ ଜାଗାରେ ପକ୍ଷୀ ଓ ଜୀବଜନ୍ତୁଙ୍କ ଲାଗି ପାଣି ରଖିବାର ବ୍ୟବସ୍ଥା କରିପାରିଛି। ବିଶେଷକରି ମାର୍ଚ୍ଚ ମାସ ଆରମ୍ଭରୁ  ମୁଁ ଏହି କାର୍ଯ୍ୟ କରିଥାଏ।'

**ପ୍ରାଣୀ ପାଇଁ ପାଣି** : ଭୁବନେଶ୍ୱର ଉପକଣ୍ଠରେ **ଆଞ୍ଚଳିକ ବିକାଶ ପରିଷଦ** ନାଁରେ ଏକ ସେବା ଅନୁଷ୍ଠାନ ଗଠନକରି ଏହାର ସଦସ୍ୟମାନେ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘ ୭ବର୍ଷଧରି ଭୁବନେଶ୍ୱର ଉପକଣ୍ଠସ୍ଥ  କେତେକ ଐତିହ୍ୟସ୍ଥଳ, ମନ୍ଦିର, ନଦୀ ଆଦି ପରିସରରେ ବୃକ୍ଷରୋପଣ, ସ୍ୱଚ୍ଛତା ଆଦି କାର୍ଯ୍ୟକ୍ରମ କରିଥାନ୍ତି। ଏହାର ଜଣେ ସଦସ୍ୟ **ଲକ୍ଷ୍ମୀଧର ପ୍ରଧାନ** କୁହନ୍ତି, 'ଆମେ ଖରାଦିନେ ଜୀବଜନ୍ତୁ ଓ ପକ୍ଷୀଙ୍କ ଜଳକଷ୍ଟ ଦୂର କରିବା ପିଇବା ପାଣିର ବ୍ୟବସ୍ଥା କରିଆସୁଛୁ । ପ୍ରାୟ ୩ବର୍ଷ ଧରି ପକ୍ଷୀମାନଙ୍କ ନିମନ୍ତେ ବୃକ୍ଷରେ ଜଳପାତ୍ର ବନ୍ଧା ହେଉଛି। ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ସୁମନ୍ତ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲଳିତ ବେହେରା, ଲିଙ୍ଗରାଜ ଜେନା ପ୍ରମୁଖ ସହଯୋଗ କରିଥାନ୍ତି। ଚଳିତବର୍ଷ ପ୍ରାୟ ୭୫ଟି ମାଟିପାତ୍ର ଗଛମୂଳେ ରଖିବା ସହ ଏବଂ ଗଙ୍ଗୁଆ କୂଳ ଗଛ ଡାଳରେ  ୫୦ଟି ମାଟିପାତ୍ରରେ ପାଣି ରଖାଯାଇଛି। ପକ୍ଷୀ ଓ ଜୀବଜନ୍ତୁଙ୍କ ଜଳତୃଷ୍ଣା ଦୂର ପାଇଁ ସବୁବେଳେ ବ୍ୟବସ୍ଥା କରୁଛୁ। ସେହିପରି ବାଲିଅନ୍ତାର  ଯସୁଆପୁର  ଗାଁ ଜଙ୍ଗଲରେ  ପ୍ରାୟ ଶହେଟି ମାଟିପାତ୍ରରେ ପକ୍ଷୀଙ୍କ  ପିଇବା ପାଣିର ସୁବିଧା  କରାଯାଇଛି।

**ପକ୍ଷୀଙ୍କୁ ପାଣି ପିଆଇ ପାଉଛି ଆତ୍ମସନ୍ତୋଷ:** ସେ ଜଣେ ସିଭିଲ ଇଞ୍ଜିନିୟରିଂ ବିଭାଗର ବି.ଟେକ୍ ଛାତ୍ରୀ। ସ୍କୁଲ ବୟସରୁ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ସେ ହେଲେ **ସୁନୀତା ବେହେରା**। ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟ →





କରିଥାନ୍ତି। ସୁନିତା କୁହନ୍ତି,'୨୦୧୩ ମସିହାଠାରୁ ଖରାଦିନେ ବିଭିନ୍ନ ପକ୍ଷୀ ଓ ବୁଲାଗୋରୁଙ୍କ ଲାଗି ଗଛମୂଳେ ଜଳକୁଣ୍ଡରେ ପିଇବା ପାଣି ରଖିଆସୁଛି। ଏବେ ମୁଁ ଏଥିପାଇଁ ୧୨ଟି ମାଟିପାତ୍ର ରଖିଛି। ସେଥିରେ ପ୍ରତିଦିନ ପାଣି ରଖିଥାଏ । ପ୍ରତିଦିନ ବିଭିନ୍ନ ପ୍ରଜାତିର ପକ୍ଷୀ, ପାଣି ପିଇବା ସହିତ ସେଥିରେ ଗାଧୋଇଥାନ୍ତି। ଏପରି ଦୃଶ୍ୟ ଦେଖି ଖୁସି ଲାଗେ । ଏହା ଏକ ମହତ୍ କାର୍ଯ୍ୟ ବୋଲି ମନେକରେ । ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତରଫରୁ ୨୦୧୪ ମସିହାରେ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି।

**ଜଙ୍ଗଲରେ କରିଛନ୍ତି ପିଇବା ପାଣି ବ୍ୟବସ୍ଥା:** ଗ୍ରୀଷ୍ମଋତୁରେ ପକ୍ଷୀ ଓ ବନ୍ୟପ୍ରାଣୀଙ୍କ ଜଳାଭାବ ଏଡାଇବା ଲାଗି ପୁଟୁବାରି ମହିଳାଙ୍କ ପ୍ରୟାସ ଏକ ନିଆରା ପଦକ୍ଷେପ। ଗ୍ରୀଷ୍ମ ଋତୁର ପ୍ରକୋପ ବଢୁଥିବାବେଳେ ଜଙ୍ଗଲରେ ଖାଦ୍ୟ ଓ ପାଣି ସଙ୍କଟ ଦେଖାଦେଇଥାଏ । ବନ୍ୟ ଜୀବଜନ୍ତୁ ପାଣି ଓ ଖାଦ୍ୟ ପାଇଁ ଗାଁ ଓ ସହରମୁହାଁ ହେଉଥିବାବେଳେ ବିଶ୍ୱ ବନ ଦିବସରେ ଆଦିବାସୀ ମହିଳାଙ୍କ ପକ୍ଷୀ ଓ ବନ୍ୟପ୍ରାଣୀ ପ୍ରେମ ଏକ ନିଆରା ପଦକ୍ଷେପ। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡି ପଞ୍ଚାୟତ **ପୁଟୁବାରି ଗାଁର** ମହିଳାମାନେ ସ୍ଥାନୀୟ ବରଖାଳ, ହଗଲମଡା, କରଡାଟାପ, ରାଇଦମକ, ମଇଁଷିଗୁଠ ପରି ଜଙ୍ଗଲରେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ମାଟିପାତ୍ରରେ ପାଣି ରଖିବାର ବ୍ୟବସ୍ଥା କରିଛନ୍ତି । ବାଉଁଶ ବୁଦାମୂଳ, ଗଛ କୋରଡ, ଗଛ ତଳେ ମାଟିସରା, ପଲମ, କଳସ, ଆଟିକା ଓ ଘଡିରେ ପାଣି ରଖାଯାଇଛି । ସୂଚନା ଅନୁସାରେ ବରଖାଳ, ହଗଲମଡା, କରଡାଟାପ, ରାଇଦମକ, ମଇଁଷିଗୁଠ ପରି ଜଙ୍ଗଲ ୨୦୦୫ ମସିହା ବେଳକୁ ପଦା ହୋଇ ଯାଇଥିଲା । ଜଙ୍ଗଲ ପଦା ହେବା ପରେ ସ୍ଥାନୀୟ ଆଦିବାସୀଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିଥିଲା। ଜଙ୍ଗଲର ପୁନରୁଦ୍ଧାର ସହ ସୁରକ୍ଷା ଦେବା ପାଇଁ ପୁଟୁବାରି ଗାଁରେ ୨୦୦୭ରେ ସଭା କରାଯାଇଥିଲା । ଜଙ୍ଗଲକୁ ଠେଙ୍ଗାପାଳିରେ ସୁରକ୍ଷା ଦେବା ପାଇଁ ଗାଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ମହିଳା, ପୁରୁଷ ଏକଜୁଟ୍ ହୋଇ ଜଙ୍ଗଲକୁ ସୁରକ୍ଷା ଦେବାକୁ ସହମତି ପ୍ରକାଶ କରିଥିଲେ। ଗାଁ ସଭାର ନିଷ୍ପତ୍ତି ଅନୁସାରେ ୨୦୦୭ ମସିହାରୁ ଜଙ୍ଗଲ ସୁରକ୍ଷାରେ ଲାଗି ପଡିଲେ। ଧୀରେ ଧୀରେ ଜଙ୍ଗଲ ବଢ଼ିବାରେ ଲାଗିଲା । ଗାଁ ଲୋକଙ୍କର ଜଙ୍ଗଲ ସୁରକ୍ଷା ଦେଖି ସରକାର ୨୦୨୧ମସିହାରେ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ଗ୍ରାମସଭାକୁ ପ୍ରଦାନ କରିଥିଲେ । ସରକାରଙ୍କଠାରୁ ଜଙ୍ଗଲ ସୁରକ୍ଷାର ଅନୁମତି ପାଇବା ପରେ ଜଙ୍ଗଲ ସୁରକ୍ଷା କମିଟିର ଆଗ୍ରହ ବଢ଼ିବାରେ ଲାଗିଲା । ପୁଣି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟ ଜୀବଜନ୍ତୁ ଶିକାର ବନ୍ଦ କରିବା, ଚୁଲିଚାନ୍ଦା, ମାସିକ ବୈଠକ ଉପରେ ଫୋକସ ଦିଆଯାଇଥିଲା । ଏବେ ପୁଟୁବାରିର ଆଦିବାସୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏନେଇ ପୁଟୁବାରି ଗାଁର ୧୭ବର୍ଷୀୟା ଯୁବତୀ ରୁନୁ ଜାନୀ କୁହନ୍ତି, 'ଗ୍ରାମସଭା ସମୂହ ଦଶପଲ୍ଲାଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପୁଟୁବାରି ଗାଁଠାରେ ଜଙ୍ଗଲ ନିଆଁ ପ୍ରତିରୋଧକ ଶିବିର କରାଯାଇଥିଲା । ଜଙ୍ଗଲ ନିଆଁ ପରିଚାଳନା କ୍ଷେତ୍ରରେ ଗାଁର ମହିଳା ଓ ପୁରୁଷଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ଜଙ୍ଗଲ ନିଆଁର ସୁପରିଚାଳନା ପରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଶିବିରର ନିଷ୍ପତ୍ତି ଅନୁସାରେ ଜଙ୍ଗଲରେ ମାଟିପାତ୍ରରେ ପାଣି ରଖାଯାଇଛି । ସପ୍ତାହକୁ ୩ଦିନ ପାଣି ରଖାଯିବ । ଜଙ୍ଗଲକୁ ସୁରକ୍ଷା ଦେଉଥିବା ଲୋକ ଏହାକୁ ଅନୁଧ୍ୟାନ କରିବେ । ପାଣି ଶେଷ ହୋଇଗଲେ ପୁଣି ପାଣି ରଖିବାର ବ୍ୟବସ୍ଥା କରାଇବେ । ଗୋଷ୍ଠୀ ଜଙ୍ଗଲ ପରିଚାଳନା କମିଟିର ସଦସ୍ୟା ସଜନୀ ମଲ୍ଲିକ କୁହନ୍ତି, 'ପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣିର ବ୍ୟବସ୍ଥା ହୋଇଛି । ତେବେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ଥିବା ମାଟିପାତ୍ରରୁ ମଧ୍ୟ ଜୀବଜନ୍ତୁ ପିଇଥାନ୍ତି । ଯଦି କୌଣସି ସ୍ଥାନରେ ମାଟିପାତ୍ର ଭାଙ୍ଗିଯାଉଛି ତେବେ ସେଠାରେ ଆଉ ଏକ ମାଟିପାତ୍ର ରଖାଯିବାର ବ୍ୟବସ୍ଥା କରାଯାଉଛି । ଏବେ ପ୍ରାୟ ୫୨ଟି ମାଟିପାତ୍ରରେ ପାଣି ରଖାଯାଇଛି ।

**ସ୍କୁଲ ବୟସରୁ ପ୍ରାଣୀଙ୍କ ପାଇଁ ଜଳପାତ୍ର ରଖି ଆସୁଛି:** ପ୍ରାକୃତିକ ପରିବେଶରେ ବିଭିନ୍ନ ଜୀବଜନ୍ତୁମାନେ କିପରି ନିର୍ଭୟ ଓ ମୁକ୍ତ ନିରାପଦରେ ବିଚରଣ କରିବା ସହିତ ବଂଶବିସ୍ତାର କରିପାରିବେ ଏଥିପାଇଁ କେବଳ ବନ କର୍ମଚାରୀଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ, ଅନ୍ୟମାନଙ୍କର ବି ସହଯୋଗ ଦରକାର। ସର୍ବଦା ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ଚିନ୍ତା କରୁଥିବା ଏମିତି ଜଣେ ମଣିଷ ହେଲେ **ନନ୍ଦ କିଶୋର ଭୁଜବଳ।** ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀରେ। ସେ କୁହନ୍ତି, 'ପିଲାଟି ଦିନରୁ ବାପାଙ୍କ ସହିତ ଜଙ୍ଗଲ ବୁଲିବାକୁ ଯାଉଥିଲି। ବାପା ସ୍କୁଲ ପରିସରରେ ବୃକ୍ଷ ରୋପଣ କରୁଥିବା ବେଳେ ସେଠାରେ ସହଯୋଗ କରୁଥିଲି। ସମୟକ୍ରମେ ପକ୍ଷୀ ଓ ବିଭିନ୍ନ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଚିନ୍ତା କଲି। ଏହାପରେ ଟାଙ୍ଗୀ ଓ ରଣପୁର ଅଞ୍ଚଳର କେତେକ ଗାଁରେ ଜଙ୍ଗଲ କମିଟି ଗଠନ କଲି। ବିଭିନ୍ନ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବାରମ୍ବାର ସଚେତନତା କରିଥିବାରୁ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି। ଆର୍‌ବିଏସ୍ ତରଫରୁ ଗ୍ରୀନ୍ ଯୋଦ୍ଧା ପୁରସ୍କାର, ହଲ୍ ଅଫ ଫେମ୍ ୱାଇଲ୍ଡ ଲାଇଫ କଞ୍ଜରଭେଶନ, ଆର୍‌ଟୁଲ ଗ୍ରୀନ୍ ଯୋଦ୍ଧା ୱେଷ୍ଟବେଙ୍ଗଲ, ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ୱାଇଲ୍‌ଡ ଲାଇଫ୍ କଞ୍ଜରଭେଶନ ପୁରସ୍କାର ମିଳିଛି। ଅନ୍ୟପକ୍ଷେ ବର୍ଷର ସବୁ ସମୟରେ ଆମ ବଗିଚାରେ ବିଭିନ୍ନ ବୃକ୍ଷଲତା ନିକଟରେ ପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କ ଲାଗି ଏକାଧିକ ଜଳପାତ୍ର ରଖିଥାଏ। ସେଥିରେ ପ୍ରତିଦିନ ସକାଳୁ ସକାଳୁ ଜଳ ରଖିଥାଏ। ବିଭିନ୍ନ ଗଛରେ ପ୍ରତିଦିନ ନାନାପ୍ରଜାତିର ପକ୍ଷୀ ଆସି ବସିଥାନ୍ତି। ଖରାଦିନେ ସେମାନେ ଏଠାରେ ଜଳ ପାତ୍ରରୁ ଜଳ ପଇଥାନ୍ତି। ଏବେ ଆମ ବାରିରେ ୧୩ଟି ଛୋଟବଡ଼ ଜଳପାତ୍ର ରହିଛି। ଏମିତି କାର୍ଯ୍ୟ ମୋର ସ୍କୁଲ ବୟସରୁ ଚାଲିଛି। ଏଥିରେ ମୋତେ ମାନସିକ ଶାନ୍ତି ମିଳେ।

ଏମାନଙ୍କ ବ୍ୟତୀତ ଆହୁରି ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ଅଛନ୍ତି, ଯେଉଁମାନେ ଖରାଦିନେ ପ୍ରାଣୀମାନଙ୍କ ପିଇବା ପାଣି ପାଇଁ ବ୍ୟବସ୍ଥା କରୁଛନ୍ତି।

**– ବନବିହାରୀ ବେହେରା , ଲୋକନାଥ ମିଶ୍ର**



















# ସମର୍ ସ୍ପେଶାଲ୍ ଶାଢ଼ି

**ଖରାଦିନ ଆରମ୍ଭ ହୋଇଗଲାଣି। ଏଦିନେ ଝିଅ ହୁଅନ୍ତୁ କି ମହିଳା ସମସ୍ତଙ୍କର ଲାଇଟ୍ ୱେଟ୍ ଆଉଟ୍‌ଫିଟ୍ ପିନ୍ଧିବା ଖୁବ୍ ପସନ୍ଦ ହୋଇଥାଏ। ବିଶେଷକରି ଯେଉଁମାନେ ଶାଢ଼ି ପିନ୍ଧନ୍ତି, ସେମାନେ ତ ଖରାଦିନେ ଏମିତି କିଛି ଫାବ୍ରିକ୍‌ର ଶାଢ଼ି ପିନ୍ଧିବାକୁ ଇଚ୍ଛା କରିଥାନ୍ତି; ଯାହା ସେମାନଙ୍କୁ ଗରମରୁ ମୁକ୍ତି ଦେବା ସହ ଫ୍ୟାଶନେବଲ୍ ଲୁକ୍ ବି ଦେଉଥିବ। ଜାଣନ୍ତୁ ସେମିତି କେତୋଟି ଟ୍ରେଣ୍ଡି ଲାଇଟ୍ ୱେଟ୍ ଶାଢ଼ି ସମ୍ପର୍କରେ...**

**✻ ଚନ୍ଦେରୀ ସିଲ୍କ ଶାଢ଼ି:** ଏହି ଶାଢି ପିନ୍ଧିବାକୁ ବହୁତ ହାଲ୍‌କା ଲାଗେ। ସୂଚନାନୁଯାୟୀ, ଏହି ଶାଢ଼ିକୁ କୁଆଡ଼େ ତିନି ପ୍ରକାରର ଫାବ୍ରିକ୍‌କୁ ମିଶାଇ ତିଆରି କରାଯାଇଥାଏ, ଯଥା: ଶୁଦ୍ଧ ରେଶମ, ଚନ୍ଦେରୀ କଟନ ଓ ସିଲ୍କ କଟନ। ତା'ସହିତ ଏହି ଶାଢ଼ିରେ ଉଭୟ ପାରମ୍ପରିକ ଓ ଆଧୁନିକ ଡିଜାଇନ୍‌ର ଝଲକ ଦେଖିବାକୁ ମିଳେ ଯେମିତିକି ବୁଣା କାମ ସହିତ ସିଲ୍‌ଭର୍ କିମ୍ବା ଗୋଲ୍ଡେନ୍ କଲର୍‌ର ଜରି ୱାର୍କ ବି ସାମିଲ ଥାଏ। ଖାସ୍ ଏହି ସବୁ କାରଣ ପାଇଁ ଏହି ଶାଢ଼ି ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିଲେ ବି ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ଲାଇଟ୍ ୱେଟ୍ ଫାବ୍ରିକ୍ ଯୋଗୁ ଏହି ଶାଢ଼ିକୁ ଅଫିସ୍ ହେଉ କି ଯେ କୌଣସି ପାର୍ଟି ଆଦିରେ ବେଶ୍ ଆରାମରେ କ୍ୟାରି କରିପାରିବେ।

**✻ ବାଗ୍ ପ୍ରିଣ୍ଟ ଶାଢ଼ି:** ଏହାକୁ କେହି କେହି ବାଗ୍ ବ୍ଲକ୍ ପ୍ରିଣ୍ଟିଂ ଶାଢ଼ି ବୋଲି ବି କହିଥାନ୍ତି। ସାଧାରଣତଃ କଟନ୍ ଶାଢ଼ି ଉପରେ ପ୍ରାକୃତିକ ରଙ୍ଗ ମୁଖ୍ୟତଃ କଳା ଓ ନାଲି ରଙ୍ଗକୁ ବ୍ୟବହାର କରି ଏହି ପ୍ରିଣ୍ଟ କରାଯାଇଥାଏ। ଖାସ୍‌କରି ଜ୍ୟାମେଟ୍ରିକ୍, ପୈସ୍ଲେ ତଥା ଫ୍ଲାୱାର୍ ପାର୍ଟନର କରାଯାଉଥିବା ଏହି ପ୍ରିଣ୍ଟଗୁଡ଼ିକ ଶାଢ଼ିକୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ଖରାଦିନେ ଏହି ଶାଢ଼ି ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ ମଡର୍ଣ୍ଣ ଲୁକ୍ ମିଳିଥାଏ। ଏହି ଶାଢି ସାଙ୍ଗକୁ ବ୍ଲାକ୍ ମେଟାଲ୍ ଅଥବା ଅକ୍ସିଡାଇଜ୍ଡ ଜୁଏଲେରୀ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।

**✻ ଲାଇଟ୍ ୱେଟ୍ ହ୍ୟାଣ୍ଡଲୁମ୍ ଶାଢ଼ି:** ଯଦି ଆପଣଙ୍କର ଖରାଦିନେ ଆୟୋଜିତ ହେଉଥିବା କୌଣସି ଇଭେଣ୍ଟରେ ଯୋଗ ଦେବାକୁ ଅଥବା କୌଣସି ପାରିବାରିକ ଫଙ୍କସନ୍‌ରେ ସାମିଲ ହେବାକୁ ଯିବାର ଥାଏ, ଆଉ ଆପଣଙ୍କର ହେଭି ଶାଢ଼ି ପିନ୍ଧିବାକୁ ଇଚ୍ଛା ନଥାଏ, ତା'ହେଲେ ସେ କ୍ଷେତ୍ରରେ ଆପଣ ଲାଇଟ୍ ୱେଟ୍ ହ୍ୟାଣ୍ଡଲୁମ୍ ଶାଢ଼ି ଟ୍ରାଏ କରିପାରିବେ। ଆଉ ତାକୁ ମ୍ୟାଚିଂ କରି ହାଲ୍‌କା ମେକ୍‌ଅପ୍ ଓ ହାଲ୍‌କା ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିବ।

**✻ ଲିନେନ୍ ଶାଢ଼ି:** ଏହା ବି ଏକ ପ୍ରକାର ହାଲ୍‌କା, ଆରାମଦାୟକ ଶାଢ଼ି ହୋଇଥାଏ ; ଯାହାକୁ ପ୍ରତିଦିନ ଖାସ୍‌କରି ଖରାଦିନେ ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଫିଲ୍ ହୁଏ। ଏହା ବି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ରେ ଉପଲବ୍ଧ ହୋଇଥାଏ, ଯାହାକୁ ଖରାଦିନେ ହେଉଥିବା ପାର୍ଟି, ଫଙ୍କସନ୍‌କୁ ବି ପିନ୍ଧିକି ଯାଇପାରିବେ।

**✻ ଜର୍ଜେଟ୍ ଶାଢ଼ି:** ଏହି ଶାଢ଼ିକୁ ବି ଖରାଦିନେ ପିନ୍ଧିହେବ। ଏହା କମ୍ଫଟେବଲ୍ ଲାଗିବା ସହ ଯୁବତୀ ତଥା ମହିଳାକୁ ଗର୍ଜିୟସ୍ ଲୁକ୍ ଦେଇଥାଏ। ଏହାର ବି ଅନେକ ସୁନ୍ଦର ସୁନ୍ଦର ଡିଜାଇନ୍ ଆସେ ; ଯାହାକୁ ଖରାଦିନେ ହେଉଥିବା ବାହାଘର ଅଥବା ଅନ୍ୟ କୌଣସି ପାର୍ଟି, ଫଙ୍କସନ୍ ତଥା ଫର୍ମାଲ୍ ଡିନର୍ ପାର୍ଟିକୁ ବି ପିନ୍ଧିକି ଯାଇପାରିବେ।

**✻ ଅର୍ଗେଞ୍ଜା ଶାଢ଼ି:** ଏହି ଶାଢ଼ିର ଏବେ ଟ୍ରେଣ୍ଡ ବେଶୀ ରହିଛି। ଏହା ଖୁବ୍ ହାଲ୍‌କା ହେବା ସହ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ଖରାଦିନ ପାଇଁ ଏହି ଶାଢ଼ି ଏକ ବେଷ୍ଟ ଅପ୍ସନ ହୋଇପାରେ।

ଏସବୁ ଛଡ଼ା ପିୟୋର୍ କଟନ୍ ଶାଢ଼ି, ସିଫନ୍ ଶାଢ଼ି, କଟନ୍ ସିଲ୍କ ଶାଢ଼ିକୁ ବି ଖରାଦିନେ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ।









# ନାଟକ ସମାଜର ପ୍ରତିଛବି






**ଯ**ଦିଓ ଓଡ଼ିଆ ଯାତ୍ରା ଜଗତରେ ସେ ଜଣେ ପୁରୁଖା ଲେଖିକା ନୁହନ୍ତି, ତଥାପି ନାଟକ ଲେଖିକାଭାବରେ ତାଙ୍କର ପରିଚୟ ରହିଛି। ନାଟକ ବ୍ୟତୀତ ସେ ଗଳ୍ପ, କବିତା ବି ଲେଖନ୍ତି । ଏମିତିରେ ପ୍ରାୟ ୩ଦଶନ୍ଧି ବିତିସାରିଲାଣି। ଏକାଧାରରେ ସେ ଜଣେ କବି, ଗାଳ୍ପିକ, ନାଟ୍ୟକାର ଓ ଶିକ୍ଷାବିତ୍ । ଅଧ୍ୟାପନାକୁ ବୃତ୍ତି ଭାବେ ଗ୍ରହଣ କରିଥିବାବେଳେ ନିଶା ସାହିତ୍ୟ ସାଧନା। ସେ ହେଲେ **ବିନ୍ଦୁରେଖା ମହାପାତ୍ର**, ଯିଏ କି ଏବେ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟରତ। ନିଜ ସମ୍ପର୍କରେ ସେ କୁହନ୍ତି, ‘ମୋ ପିତା ରଘୁନାଥ ନାୟକ, ମାତା କିଶୋରୀ ନାୟକ। ସ୍କୁଲରେ ପଢୁଥିବାବେଳେ ଚିତ୍ର ଅଙ୍କନ କରିବା, ଗପବହି ପଢିବା ଓ କବିତା ଲେଖିବାକୁ ବହୁତ ଭଲ ପାଇବା ସହ ମିନାବଜାର ଓ ପ୍ରଜାତନ୍ତ୍ର ଆଦି ଖବରକାଗଜ ଓ ପତ୍ରିକାକୁ ଗପ ଓ କବିତା ପଠାଉଥିଲି। ଯାହା ପ୍ରକାଶ ବି ପାଉଥିଲା। ପ୍ରତିଦିନ କିଛି ନା କିଛ ନ ଲେଖିଲେ ମୋତେ ଭଲ ଲାଗୁ ନ ଥିଲା। ସ୍କୁଲ କଲେଜରେ ପଢିବାବେଳେ ଆକାଶବାଣୀ କଟକ କେନ୍ଦ୍ରର ଶିଶୁସଂସାର, ବିଦ୍ୟାଳୟ କାର୍ଯ୍ୟକ୍ରମ ଓ ଯୁବବାଣୀରେ ଭାଗନେଉଥିଲି । ଶୈଳବାଳା ମହିଳା ମହାବିଦ୍ୟାଳୟ ଏବଂ ରେଭେନ୍‌ଶା ମହାବିଦ୍ୟାଳୟରେ ଇଂରାଜୀରେ ଏମ୍‌ଏ ସାରିବା ପରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଷୟରେ କୋର୍ସ କଲି। ପରେ ବରୁଣେଶ୍ୱର କଲେଜରେ ୧୯୮୯ରେ ଅଧ୍ୟାପିକା ଭାବେ ଚାକିରି କଲି। ସମୟକ୍ରମେ ଏହି କଲେଜରେ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଭାବେ ୧୯୯୪ରୁ ୨୦୦୬ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲି। ଏହି ସମୟରେ ବିଭିନ୍ନ ସେବା ଶିବିରରେ ଯୋଗ ଦେବା ସହିତ ବିଭିନ୍ନ ସ୍ଥାନରେ ଜନସଚେତନତା କାର୍ଯ୍ୟକ୍ରମ କରିବା ସମୟରେ ବିଭିନ୍ନ ଅନୁଭୂତିକୁ ନେଇ କେତୋଟି ଗଳ୍ପ ଓ ନାଟକ ଲେଖିଥିଲି। ମୋ ମତରେ ଲେଖକର ସତ୍ତା କେବଳ ଅନୁଭବ କରିଥାଏ କୌଣସି ଏକ ମହାର୍ଘ ମୁହୂର୍ତ୍ତକୁ। ସେଇ ସ୍ୱର୍ଗୀୟ ଅନୁଭବର ସତ୍ତା ଅବଚେତନ ମନରେ ଆବଦ୍ଧ ହୋଇ ରହି ଯାଇଥାଏ ।କେଉଁ ଏକ ମୁହୂର୍ତ୍ତରେ ଅବଚେତନାର ସେହି ଅନୁଭୂତିମାନେ ଲେଖନୀ ମୁନରେ ରୂପାୟିତ ହୋଇଥାନ୍ତି। ଯାହା କାବ୍ୟ କବିତା, ନାଟକ ଓ ଗଳ୍ପର ରୂପ ନେଇଥାନ୍ତି। ମୁଁ ଯେଉଁ ନାଟକ ଲେଖିଥାଏ ସେଥିରେ ପୁରାଣ ଚରିତ୍ର ଏବଂ କେତେକ ଇତିହାସର କଥାକୁ ସ୍ଥାନ ଦେଇଥାଏ। କାରଣ ପୁରାଣ ଓ ଇତିହାସର ମିଥ୍‌କୁ ନେଇ ବର୍ତ୍ତମାନ ପରିପ୍ରେକ୍ଷୀରେ ଉଦାହରଣ ନେବା ନିହାତି ଦରକାର । ଆମ ସଂସ୍କାର, ପରମ୍ପରା ଓ ଅସ୍ମିତାର ମୂଳପିଣ୍ଡ ଆମ ଅତୀତ । ଯେଉଁଥିପାଇଁ ମୋ ନାଟକରେ ଅଧିକାଂଶର ବିଷୟବସ୍ତୁରେ ପୁରାଣ ଓ ଇତିହାସକୁ ରୂପଦିଏ। ମୋ ମତରେ ଅନେକ ନାଟ୍ୟକାର ବହୁତ ସାମାଜିକ ବହି ଲେଖୁଛନ୍ତି। କିନ୍ତୁ ମୋ ମନରେ ଏହା ଭିନ୍ନ କଥା ସୃଷ୍ଟି କରିଥିଲା –ଯେମିତି କି ଅନେକ ଘଟଣା ରହିଛି ଯାହା ଲୋକଲୋଚନରେ ଆସିବା ଦ୍ୱାରା ପ୍ରତି ପରିବାରରେ ପରସ୍ପରଙ୍କ ପ୍ରତି ଏକପ୍ରକାର ନକାରାତ୍ମକ ଭାବ ସୃଷ୍ଟି ହୋଇଥାଏ। ସେଥିପାଇଁ ଲୁଚି ଯାଉଥିବା ଗାଁର ଅତୀତ, ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଲେଖିଥାଏ। ମୋ ମତରେ ନାଟକ କହିଲେ ସମାଜର ବାସ୍ତବ ଘଟଣାର ପରିପ୍ରକାଶ। ଚାରିପଟେ ଚଲାବୁଲା କରୁଥିବା ମଣିଷମାନେ ହିଁ ନାଟକର ଚରିତ୍ର ହୋଇ ନାଟକ ଭିତରକୁ ପଶିଆସନ୍ତି। ଇତିହାସ, ପୁରାଣ ଓ କିମ୍ବଦନ୍ତୀର ଚରିତ୍ରମାନେ ସତେଯେମିତି ବର୍ତ୍ତମାନର ସାମାଜିକ ପରିସ୍ଥିତ ଦେଖି ମ୍ରିୟମାଣ । ବର୍ତ୍ତମାନକୁ ସଜାଡ଼ିବାକୁ ସେମାନଙ୍କ ଅନୁଭବ ଓ ଅନୁଭୂତି ବାଣ୍ଟିବାକୁ ତତ୍ପର ହୋଇଉଠନ୍ତି କାଗଜ ଉପରେ।

୨୦୧୬ ମସିହାରେ ପ୍ରଥମେ ଘୁଙ୍ଗୁର ନାଟ୍ୟ ଅନୁଷ୍ଠାନର ସଦସ୍ୟମାନଙ୍କ ଅନୁରୋଧକ୍ରମେ ଏକ ନାଟକ ଲେଖିଥିଲି। ସେହି ନାଟକଟି ଥିଲା ‘ଶ୍ରୀଭାଗବତ’, ଯାହା ମଞ୍ଚସ୍ଥ ବି ହୋଇଥିଲା। ଯାହାକୁ ଦେଖି ସେତେବେଳେ ମୋ ଅଜାଣତରେ ଆଖିରୁ କିଛିଟୋପା ଲୁହ ଆପେଆପେ ଝରିପଡ଼ିଥିଲା। ସେଦିନ ସେ ଖୁସିକୁ କେବଳ ଅନୁଭବ କରିଥିଲି। ଏହାପରେ ମୁଁ ଆହୁରି ବି ଅନେକ ନାଟକ ଲେଖିଛି ଯାହା ମଧ୍ୟରେ ‘ଅପରାହ୍ନର ନାୟକ’, ‘କୈକେୟୀ’, ‘ଲଳିତା’, ‘କୁସୁମା ରାଣୀ’, ‘ମାଣିକ’, ‘ଯଯାତି’ ଆଦି ନାଟକ ରହିଛି।

ତାଙ୍କର ଏହି ସୃଜନଶୀଳତା ପାଇଁ ତାଙ୍କୁ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଛି। ଯାହା ମଧ୍ୟରେ ବରୁଣେଶ୍ୱର ମହୋତ୍ସବ ସମ୍ମାନ, ଭୂମିପୁତ୍ର ସାହିତ୍ୟ କଲ୍ୟାଣ ପରିଷଦ ପକ୍ଷରୁ ଆଦର୍ଶ ମହୀୟସୀ ମହିଳା ପ୍ରତିଭା ସମ୍ମାନ, ଓଡ଼ିଶା ସାମ୍ବାଦିକ ୟୁନିୟନ ତରଫରୁ ନାଟ୍ୟକାର ସମ୍ମାନ, ଯାଜପୁର ପୌରପାଳିକା ତରଫରୁ ସମ୍ମାନ, ଓଡ଼ିଶା ଲେଖିକା ସଂସଦ ସମ୍ମାନ, ଉତ୍କଳ କଳାକାର ସମ୍ମାନ, ୧୮ ତମ ରାଜଧାନୀ ପୁସ୍ତକ ମେଳାରେ ପୁରସ୍କୃତ, ମହାବୀର ସେବାଶ୍ରୀ ସମ୍ମାନ ଆଦି ରହିଛି। ସେ କୁହନ୍ତି,‘ ଜଣେ ଅଧ୍ୟାପିକା ଭାବେ ଛାତ୍ରୀଛାତ୍ରଙ୍କୁ ପଢାଇବା ସହ ନିଜେ ପଢୁଛି, ନିଜକୁ ତିଆରି କରୁଛି। ନାଟକ ରଚନାରେ ପରିବାର ତଥା କଲେଜର ଅନ୍ୟ ସହକର୍ମୀମାନଙ୍କ ଉତ୍ସାହ ମତେ ଆଗକୁ ଯିବାକୁ ପ୍ରେରଣା ଦେଇଛି। ଏବେ ଅଧ୍ୟାପନା ଓ ଲେଖାଲେଖି ସହ ବିଭିନ୍ନ ସ୍ଥାନରେ ଆୟୋଜିତ ସାହିତ୍ୟ ସଭା ଓ ସମ୍ମିଳନୀରେ ଯୋଗଦେବାରେ ମାନସିକ ଶାନ୍ତି ମିଳୁଛି। ଏମିତିରେ ସାହିତ୍ୟର ବିଭିନ୍ନ କ୍ଷେତ୍ରକୁ ନେଇ ସାଧନା ଜାରି ରଖିଛି। ମୋ ମତରେ ସାହିତ୍ୟ ସମାଜ ପରିବର୍ତ୍ତନର ଏକ ମାଧ୍ୟମ ହୋଇଥାଏ। ତେଣୁ ମୋର ପ୍ରତ୍ୟେକ ଲେଖାରେ ମୁଁ ଏହା ଉପରେ ଗୁରୁତ୍ୱ ଦେଇଥାଏ। ମୋର ଏହି ସୃଜନଶୀଳ ଦୁନିଆ ମତେ ମାନସିକ ଶାନ୍ତି ଦେଇଥାଏ। ତେଣୁ ଜୀବନର ଶେଷଯାଏ ମୋର ଏହି ଲେଖାଲେଖି ଜାରି ରହିବ। ମୋର ଏହି ସର୍ଜନର ଦୁନିଆ ଛଡ଼ା ମୁଁ ଆଉ ଯାହାକୁ ବେଶି ଗୁରୁତ୍ୱ ଦିଏ ସେ ହେଲା ମୋ ପରିବାର। ମୋ ପରିବାର କହିଲେ ସ୍ୱାମୀ ଡ.ବଟକୃଷ୍ଣ ମହାପାତ୍ର ଏବଂ ମୋର ଏକମାତ୍ର ପୁତ୍ର। ଆଗକୁ ବି ମୁଁ ମୋ ପରିବାରକୁ ସମୟ ଦେବା ସହ ଲେଖାଲେଖିକୁ ଅଧିକ ସମୟ ଦେବି।

–ବନବିହାରୀ ବେହେରା





# ନିଆଁ

–ସଂଗ୍ରାମ ମହାରଣା


**ସେ** ଜଳୁ
ତାକୁ ଜଳିବାକୁ ଦିଅ
କାହାକୁ ଜାଳିଲେ
କେତେ ଯନ୍ତ୍ରଣା
ଏ ସବୁ ତାକୁ ଭୋଗିବାକୁ ଦିଅ ... !

କାହାଠୁ କେତେ ନେଇଛି
କାହାକୁ କେତେ ଦେଇଛି
ସବୁର ହିସାବ ତାକୁ ମାଗ,
ଯଦି ଦେଇ ପାରିଲା ସେ ଦୋଷୀ
ନ ଦେଇ ପାରିଲା ଜଘନ୍ୟ ଅପରାଧୀ... !
ଗଛ କାଟିଲେ ଗୋଛି କଟିବ ;
ଏ ନାରାରେ
ଗୋଟେ ପୁରୁଣା କାହାଣୀ ଶୁଣେଇ ଶୁଣେଇ
କେତେ ଆଉ ସେ ଡରେଇବ... !
କହି ଦିଅ ତାକୁ, ବିନା କାରଣରେ ସେ ଭୋଗିବ
ଆଜି ସନ୍ଧ୍ୟାରେ ସୂର୍ଯ୍ୟ ପୁଣି ମରିବ.... !

ଯଦି ଫେରି ପାରନ୍ତି
ତେବେ ଫେରେଇ ଦିଅନ୍ତି
ଯେତେ ସବୁ ଜହ୍ନ ଆଲୁଅ
ତାରାଙ୍କ ମେଳାପ
ଅନ୍ଧାରରେ ଯେତେକ ଚିତ୍ର,
ତଥାପି ବାକି ରହିଯାଆନ୍ତା କିଛି ସ୍ୱପ୍ନ
ଯାହା ରଖିଥିଲି ସାତ ତାଳ ପାଣି ତଳେ
ଫରୁଆରେ ସାଇତି... !
ପ୍ରତିଥର ମୁଁ ପୁଣି ମତେ ଖୋଜେ କାହିଁକି,
ଲହୁ ଭରା ଆକାଶ ଛାତିରେ
ଆଜି ଏତେ ଟାଣ କାହିଁକି,
ହାରିଥିବା ସୂର୍ଯ୍ୟ ପ୍ରତିଦିନ ଜିତେ କେମିତି.. ?
ବୋଧ ହୁଏ ଭୁଲି ଯିବାକୁ ହୁଏ
ଗଲା କାଲିର ନୂଆ ପୁରୁଣା ସମ୍ପର୍କ ସବୁ
ଠିକ୍ ଏଇମିତି... !
ଆକାଶକୁ ଆଉଜି ହୋଇ
ଚାଲି ଯାଉଥିବା ଅନ୍ଧାର ବି
ବେଳେ ବେଳେ ଶୁଣେଇ ଦିଏ ଶୁଣିଥିବା ପଦେ
ଅଧେ କଥା... !

ମୁଁ କିନ୍ତୁ ଲେଖି ପାରେନି
ବାକିଥିବା ସମ୍ପର୍କକୁ ନେଇ
ଆଉ କିଛି ନୂଆ କବିତା...

–ଇନ୍ଦୁପୁର, କେନ୍ଦ୍ରାପଡ଼ା
ମୋ: ୯୯୩୮୫୭୯୪୫୬



# ଏପ୍ରିଲ, କାଗଜଫୁଲ ଓ କାଠହଣା

– ଲକ୍ଷ୍ମଣ କୁମାର

**ଖ**ରା ବଢୁଥାଏ । ଶୋଷ ବଢୁଥାଏ । ବହୁଥାଏ ରୁକ୍ଷ ପବନ । ହୃଦୟ ପାଲଟି ଯାଇଥାଏ ମୁଠାଏ ଟୁକୁରା କାଗଜ ଓ ପବନରେ ଉଡ଼ିଯାଉଥାଏ ଇତସ୍ତତଃ । ପେଣ୍ଡା ପେଣ୍ଡା ଫୁଟି ଉଠିଥାଏ କାଗଜଫୁଲ ନିଃସଙ୍ଗତାର ପାଚେରି ଉପରେ ।

ଗୋଟେ ହୃଦୟର ସହରରୁ ଆଉ ଗୋଟେ ହୃଦୟର ସହରକୁ ରାସ୍ତା ଖୁବ୍ ସଳଖ ଓ ମସୃଣ ଥାଏ । କେବେ କେବେ ଜହ୍ନ ଓହ୍ଲାଇ ଆସେ ସେ ରାସ୍ତା ଉପରକୁ ଓ ଯୋଡ଼ିଦିଏ ଦୁଇ ହୃଦୟର ଉପତ୍ୟକା । ଅପସରିଯାଏ ଗୋଟାଏ ମୁହୂର୍ତ୍ତରେ ସବୁ ବ୍ୟବଧାନ ଗୋଟେ ଲୋଡ଼ିବାପଣର ପ୍ରତ୍ୟୟଭରା ନିବିଡ଼ ଅନୁକମ୍ପନରେ ଓ ଉଚ୍ଛ୍ୱାସରେ ।

ଅଥଚ ଏମିତିରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ କାଗଜଫୁଲର ବିପଣି ପ୍ରଚୁର ଖରା, ଶୋଷ ଓ ପାଗଳ ହାୱାର ଅଦଉତିରେ । ହଜିଯାଏ ଜହ୍ନର ଠିକଣା । କେଉଁଠି ଥାଏ ତା'ର ମିଠା କିରଣ ଓ ବିଭୋରପଣ ? କେଉଁଠି ଥାଏ ଚଢ଼େଇଙ୍କ କିଚିରିମିଚିରି, ଫୁଲର ବର୍ଣ୍ଣୋତ୍ସବ ଓ ନିର୍ଝରର ଛନ୍ଦ ? କେଉଁଠି ହଜିଯାଏ ପ୍ରେମର ଫାଲଗୁନ ଓ ତା'ର ପହିଲି ବେପଥୁ ? ସ୍ମୃତି ପାଲଟିଯାଏ ସବୁ । ସବୁକିଛି ।

ମୋ କୋଠରିର ଝର୍କା ଖୋଲେ ତ ଦିଶେ ସେଇ ନିଶୂନ, ନିଛାଟିଆ ରାସ୍ତା – ଲମ୍ବିଯାଇଥାଏ ଦିଗନ୍ତକୁ । ଖୁବ୍ ଦୂରରେ ରାସ୍ତା କଡ଼ରେ ଛିଡ଼ା ହୋଇଥାଏ ଏକଲା ଗୋଟେ ଥୁଣ୍ଟା ଗଛ । ଏପ୍ରିଲ ଖରାରେ ଥୁଣ୍ଟା ଗଛଟି ଭିଜୁଥାଏ ଏକା ଏକା । ସେ ବି କ'ଣ କାହାର ଅପେକ୍ଷାରେ ରହିଯାଇଛି ଅନିର୍ଦ୍ଦିଷ୍ଟ କାଳ ।

– ନିଶ୍ଚୟ । ହାବୁକାଏ ତତଲା ପବନ ଝର୍କା ବାଟେ ପଶିଆସି କହିଯାଏ । ମୁଁ ଶୁଣିପାରେ ଦୂରରୁ ଗୋଟେ ଠକ୍ ଠକ୍ ଆୱାଜ ନିସ୍ତବ୍ଧ ଦ୍ୱିପ୍ରହରରେ । ଯାହା ଶୁଭେ ସଙ୍ଗୀତ ପରି । ମାତ୍ର ସେ ସଙ୍ଗୀତରେ ଫେଣ୍ଟି ହୋଇଥାଏ ଅଯୁତ ଯନ୍ତ୍ରଣାର ସ୍ୱର । ପିଲାଦିନେ ବାପା କହିଥିବା ସେ ପରୀ କାହାଣୀଟି ମନେପଡ଼େ । ଯେଉଁଠି ରାଜକୁମାର ରହୁଥାଏ ଛଦ୍ମବେଶରେ ରାଜପ୍ରାସାଦ ସାମ୍ନା ଏକ କୁଡ଼ିଆ ଘରେ ଓ ନିସ୍ତବ୍ଧ ଜହ୍ନରାତିରେ ସେ ଯେବେ ପଦାକୁ ବାହାରେ ତା'ର ଅସଲ ରୂପରେ, ପ୍ରାସାଦ ଝର୍କା ବାଟେ ରାଜକୁମାରର ସ୍ୱର୍ଣ୍ଣୋଜ୍ଜ୍ୱଳ ରୂପକାନ୍ତି ଦେଖି ବିମୋହିତ ହୁଏ ରାଜକୁମାରୀ ଓ ସେଦିନଠାରୁ କାଠହଣାଟିଏ ଖୁମ୍ପିଚାଲେ ନିରନ୍ତର ରାଜକୁମାରୀର ଛାତି ଭିତରେ, ସମସ୍ତଙ୍କ ଅଲକ୍ଷ୍ୟରେ । ସ୍ୱପ୍ନ, ଜହ୍ନରାତି, ଦୀର୍ଘଶ୍ୱାସ ଓ କାଠହଣାର ଚୋଟ ଭିତରେ ପାହିଯାଏ ରାଜକୁମାରୀର ବିନିଦ୍ର ରାତ୍ରିଟି ମାନ । ତା'ପରେ କାହାଣୀର ଗତି କୁଆଡ଼େ ଯାଏ ମୁଁ ଶୁଣିବା ଆଗରୁ ନିଦ ଆସିଯାଏ । ଆଉ ଏବେ, କାହାଣୀ ଅଧୁରା କରି ବାପା ହିଁ ଶୋଇ ପଡିଛନ୍ତି ଅବଶିଷ୍ଟ କାହାଣୀ କହିବା ଦାୟିତ୍ୱ ମୋ ଉପରେ ଛାଡ଼ିଦେଇ ।

ଦୂରରେ ନିଶୂନ ରାସ୍ତା କଡ଼ରେ ଏକଲା ଛିଡ଼ା ହୋଇଥିବା ସେ ଥୁଣ୍ଟା ଗଛକୁ ଏକାଗ୍ର ଚିତ୍ତରେ ଚାହିଁ ମୁଁ ଜାଣିପାରେ ଯେ ଥୁଣ୍ଟା ଗଛର ଗଣ୍ଡିରେ ବାସ କରୁଛି କାଠହଣା ପକ୍ଷୀଟିଏ ଓ ତା'ର ତୀକ୍ଷ୍ଣ ଥଣ୍ଟରେ ଗଛର ଗଣ୍ଡିକୁ ଖୁମ୍ପି ଚାଲିଛି ବାରମ୍ବାର । ଗଛଟି କି ଯନ୍ତ୍ରଣା ପାଉଛି କାଠହଣାର ଚୋଟରେ ।

କାଠହଣାର ପ୍ରତିଟି ଚୋଟ କାହିଁକି ବାଜୁଛି ମୋ ଛାତିରେ .. ? ମୋ ଭିତରକୁ ନିରେଖି ଜାଣି ପାରୁଛି କେବେଠୁ କାଠହଣାଟିଏ ବସା ବାନ୍ଧିଛି ମୋ ଛାତିରେ ଓ ମୋତେ ଖୁମ୍ପି ଚାଲିଛି ଅନବରତ ।

– ହେ କାଠହଣା, କାହିଁକି ତୁ ମୋତେ ରକ୍ତାକ୍ତ କରିଚାଲିଛୁ ନିର୍ବିକଳ୍ପ ? କାହିଁକି ରହିଛୁ ମୋ ଭିତରେ ? ଫେରି ଯା' ତୁ ।

– କୁଆଡ଼େ ଯିବି । କାଠହଣା ଉତ୍ତର ଦିଏ । ପୃଥିବୀରେ ଏମିତି କେହି ଅଛି କି, ଯାହାର ଛାତି ତଳେ ବସା ବାନ୍ଧିନାହିଁ କାଠହଣା ?

ବାପାଙ୍କଠାରୁ ଅଧୁରା ଶୁଣିଥିବା ସେ କାହାଣୀ ମନେପଡ଼େ । ରାଜକୁମାରର ଛାତିରେ ବି ଥିବ ତା'ହେଲେ କାଠହଣା । ଯାହା ବାପା କେବେ କହି ନ ଥିଲେ ।

ସେଇ ନିଶୂନ ରାସ୍ତାରେ ମୁଁ ବାହାରିଯାଏ ଏକା ଏକା ସେ ଥୁଣ୍ଟାଗଛର କାଠହଣାଟିକୁ ପାଖରୁ ଦେଖିବା ପାଇଁ । କେଉଁଠୁ ହଠାତ ଖଣ୍ଡିଆଭୂତ ଚକ୍ରାକାରରେ ମାଡ଼ିଆସେ ମୋ ଆଡ଼କୁ ଓ ଅନେକ ଶୁଖିଲା ପତ୍ର, କୁଟାକାଠି ସବୁ ଅଜାଡ଼ି ଦିଏ ମୋ ଉପରେ ଓ କୁଆଡ଼େ ହଜିଯାଏ ।

ଜୀବନର ଅବଶେଷ ତ ଏଇ ଶୁଖିଲା ପତ୍ର ଓ କୁଟାକାଠି ପରି । ତୁ ହିଁ ତ କାହାଣୀର ସେହି ରାଜକୁମାର ଓ ତୋର କେତେ ଛଦ୍ମବେଶ ! କାଠହଣାର ଚୋଟକୁ ଯଦି କରିଦେଇ ପାରିବୁ ଜୀବନର ସଙ୍ଗୀତ, ତେବେ ଏହି ଧୂ ଧୂ ଖରାର ଦ୍ୱିପ୍ରହର ବି ମନେହେବ ଶୀତଳ ଜହ୍ନରାତିଟିଏ । କେହିଜଣେ ମୋତେ କହେ । ମୁଁ ବିସ୍ମିତ ହୋଇ ଅନାଏ ଚାରିଆଡ଼େ ।

ଆଗକୁ ନିର୍ଜନ ରାସ୍ତା ପ୍ରଲମ୍ବିତ ଥାଏ । ଦୂରରୁ ଶୁଭୁଥାଏ କାଠହଣାର ଚୋଟ ।

##


– 'ଦିଗ୍‌ବଳୟ'
ଲେଣ୍ଡା, ବରପାଲି, ବରଗଡ଼
ମୋ : ୯୪୩୯୦୪୦୯୩୭



# ଧାରାବାହିକ ଥିଲା ମୋ କ୍ୟାରିୟରର ଟର୍ନିଂ ପଏଣ୍ଟ

**ପାଞ୍ଚଟି କଥା ହରିହର**

ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ଆଗଧାଡ଼ିର ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ। ଏବେ ସେ କେବଳ ନିଜକୁ ଅଭିନୟରେ ବାନ୍ଧି ରଖି ନାହାନ୍ତି, କାହାଣୀ ଏବଂ ସଂଳାପ ରଚନାରେ ନିଜକୁ ବ୍ୟସ୍ତ ରଖୁଛନ୍ତି। କମେଡି ବ୍ୟତୀତ ଭିନ୍ନ ଭିନ୍ନ ଭାବପ୍ରବଣ ଚରିତ୍ରରେ ସେ ଅଭିନୟ କରିସାରିଲେଣି। ନିଜ ଆକ୍ଟିଂ କ୍ୟାରିୟର ବିଷୟରେ ସେ କହନ୍ତି, ''ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିବା ପୂର୍ବରୁ ମୁଁ ଧାରାବାହିକରେ ଅଭିନୟ କରୁଥିଲି। ନୀରଦ ମହାପାତ୍ରଙ୍କ ପ୍ରଯୋଜିତ ଏବଂ ଚୌଧୁରୀ ବିକାଶ ଦାସଙ୍କ ନିର୍ଦ୍ଦେଶିତ ଧାରାବାହିକ 'ବାପନାହଘଫନର'ର ଶୁଟିଂ ଚାଲିଥାଏ। ଏହାର କ୍ୟାମେରାମ୍ୟାନ ଥାଆନ୍ତି ବିଶିଷ୍ଟ ସିନେମାଟୋଗ୍ରାଫର ତଥା ନିର୍ଦ୍ଦେଶକ ରାଜୁ ମିଶ୍ର। ଏହାର ଶୁଟିଂର ମାସେ ପରେ ମୋତେ ସେ କଲ୍ କରି କହିଲେ, 'ହରି, ତୁମେ ସିନେମାରେ ଅଭିନୟ କରିବ'। ସେଭଳି ଏକ ସୁଯୋଗକୁ ମୁଁ ହାତଛଡା କରିବାକୁ ଚାହୁଁ ନ ଥିଲି। ତାଙ୍କ ନିର୍ଦ୍ଦେଶିତ 'ସତ ମିଛ' ଥିଲା ମୋ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର। ସେ ବୋଧହୁଏ ଧାରାବାହିକରେ ମୋ ଅଭିନୟକୁ ଭଲ ଭାବରେ ତର୍ଜମା କରି ମୋତେ ଏଭଳି ସୁଯୋଗ ଦେଇଥିଲେ। ତେଣୁ ସେହି ଧାରାବାହିକଟି ହିଁ ମୋ ଅଭିନୟ କ୍ୟାରିୟରରେ ଏକ ଟର୍ନିଂ ପଏଣ୍ଟ ଆଣିଥିଲା। ଯା ଭିତରେ ତ ମୁଁ ଅନେକ ସିନେମାରେ ଅଭିନୟ କରିଛି। ଦର୍ଶକ ମୋତେ ଏବେ ଜଣେ ଅଲରାଉଣ୍ଡର ଭାବରେ ଗ୍ରହଣ କରିନେଲେଣି। ମୋ ମତରେ ଯଦି ନିଜର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଲା ତେବେ ତୁମେ ନିଶ୍ଚୟ ଜଣେ ସଫଳ ଅଭିନେତା। ସ୍ୱପ୍ନ ତ ଅସୁମାରୀ। ମୋର ଡ୍ରିମ୍ ରୋଲ ହେଉଛି ଗୋପବନ୍ଧୁ କିମ୍ବା ହିଟଲରଙ୍କ ଭଳି ଚରିତ୍ର। କାରଣ ଏସବୁ ରୋଲ୍‌ରେ ସମାଜ ପ୍ରତି ସ୍ୱତନ୍ତ୍ର ବାର୍ତ୍ତା ରହିଛି। ଏବେ ବଳି ପ୍ରଥା ଏବଂ ବିଲୁପ୍ତ ପ୍ରାୟ କଣ୍ଢେଇ ନାଚ ଉପରେ ଦୁଇଟି ସ୍କ୍ରିପ୍ଟ ପ୍ରସ୍ତୁତ କରିଛି। ସୁଯୋଗ ମିଳିଲେ ନିଶ୍ଚୟ ସିନେମା ତିଆରି କରିବି।''



ହରିହର ମହାପାତ୍ର



'ଏକ୍ ଜାଦୁଗର' ଫିଲ୍ମରେ ଭିକି

# ଜାଦୁଗର ଅବତାର

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, 'ଛାୱା' ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିବା ପରେ ଏବେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଭିକି କୌଶଳଙ୍କ ଡିମାଣ୍ଡ କିପରି ବଢ଼ିଯାଇଛି। ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଜାଦୁଗର ବା ମ୍ୟାଜିସିଆନ୍ ଭୂମିକାରେ ଦେଖିବାକୁ ପାଇବେ। ଏହି ଫିଲ୍ମଟିର ଟାଇଟଲ ରହିଛି 'ଏକ ଜାଦୁଗର'। ଏହାର ନିର୍ଦ୍ଦେଶନା ଦେଉଛନ୍ତି ସୁରଜିତ ସିରକର। ସବୁଠାରୁ ଖାସ୍ କଥା ହେଲା, ଏହାର ପ୍ରଥମ ଟ୍ରେଲର ରିଲିଜ ହେବା ପରେ ବେଶ୍ ଭାଇରାଲ ହୋଇଛି। ଏ ନେଇ ଭିକି କହନ୍ତି, ''ଜଣେ ମ୍ୟାଜିସିଆନ୍ ଚରିତ୍ରରେ ଅଭିନୟ କରିବା ନିଶ୍ଚୟ ଏକ ଭାଗ୍ୟର କଥା। ଏହି ରୋଲ୍‌ଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ଚେଷ୍ଟା କରିଛି। ଯେତେବେଳେ ପ୍ରଥମ ଥର ମୁଁ ଏହି ଗେଟ୍‌ଅପ୍‌ରେ ପ୍ରସ୍ତୁତ ହେଲି ଆଉ ମିରରରେ ନିଜକୁ ଦେଖିଲି–ସେତେବେଳେ ନିଜକୁ ବିଶ୍ୱାସ କରିପାରିଲି ନାହିଁ। ଏହାର କାହାଣୀରେ ସ୍ୱତନ୍ତ୍ରତା ରହିଛି। ଫିଲ୍ମର ଶୁଟିଂ ସମୟରେ ସମସ୍ତ କଳାକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ରାଇଜିଂ ସନ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ଦୋଛକିରେ ନୁସ୍‌ରତ୍

ନୁସ୍‌ରତ୍ ଭରୁଚା ଏବେ ଦୋଛକିରେ ପଡିଛନ୍ତି। କଥା କ'ଣ କି ଏବେ ତାଙ୍କୁ ଏକ ୱେବ୍ ସିରିଜରେ ଅଭିନୟ କରିବାକୁ ଅଫର ମିଳିଛି। ହେଲେ ସେଥିରେ ଟିକେ କେଁ ରହିଯାଇଛି। ଏହି ସିରିଜ୍‌ରେ ନୁସ୍‌ରତ୍ ଡବଲ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ବାସ୍ ଏହା ହିଁ ତାଙ୍କର ମୁଣ୍ଡବିନ୍ଧାର କାରଣ ସାଜିଛି। ପୁଣି ସେପଟେ ଏଥିରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏଭଳି କଥା ବିଷୟରେ ସଫେଇ ଦେଇ ନୁସ୍‌ରତ୍ କହନ୍ତି, ''ଡବଲ ରୋଲ୍ ତୁଲାଇବା ସହଜ କଥା ନୁହେଁ। ଏହି ସିରିଜ ଏକ ସସ୍‌ପେନ୍ସ ଥ୍ରୀଲର କାହାଣୀ ଉପରେ ଆଧାରିତ। ଏଥିରେ ମୁଁ ଜଣେ ଗାଉଁଲି ଏବଂ ଅନ୍ୟପଟରେ ଜଣେ ଆଧୁନିକା ଯୁବତୀ ଭୂମିକାରେ ଅଭିନୟ କରିବି। ତା'ସହ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ତେଣୁ ଏସବୁକୁ ନେଇ ମୁଁ ଦୋଛକିରେ ପଡିଯାଇଛି। ଆସନ୍ତା ସପ୍ତାହ ଭିତରେ ମୋତେ ଯାହାହେଲେ ବି ଫାଇନାଲ ଡିସିସନ୍ ନେବାକୁ ପଡିବ।'' ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ସସପେନ୍ସ ଥ୍ରୀଲର ଫିଲ୍ମ 'ଛୋରୀ ୨'ର ସଫଳତାକୁ ନେଇ ବି ସେ ବେଶ୍ ଆଶାବାଦୀ ଅଛନ୍ତି।



ନୁସରତ୍



ଦିଶା

# ଇଚ୍ଛା ଥିଲା ଇଞ୍ଜିନିୟର ହେବା

ଦିଶା ପଟାନି ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଏକ ଆଶା ଥିଲା। ତାହା ହେଉଛି ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବା। କିନ୍ତୁ ପରବର୍ତ୍ତୀ ସମୟରେ ସେ  ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ। ଦିଶା ପ୍ରଥମେ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିଥିଲେ। ଆକ୍ସନ–ଥ୍ରୀଲର କାହାଣୀକୁ ଆଧାର କରି ଏହି ସିନେମାର ଟାଇଟଲ ଥିଲା 'ଲୋଫର' (୨୦୧୫)। ସବୁଠାରୁ ବଡ କଥା ହେଲା ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏ ବିଷୟରେ ଦିଶା କହନ୍ତି, ''ପୁରୀ ଜଗନ୍ନାଥଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି, ପୁଣି ତାହା ମୋର ପ୍ରଥମ ସିନେମା ହେବ ତାହା ମୁଁ କେବେ କଳ୍ପନା କରି ନ ଥିଲି। ଜଣେ ଅଭିନେତ୍ରୀ ହେବାର ଆଶା ରଖି ମୁଁ ତେଲୁଗୁ ସିନେମାରେ ପ୍ରବେଶ କରିଥିଲି। ସେହି କ୍ୟାମ୍ପରେ ମୁଁ ଯାହା ଅଭିଜ୍ଞତା ଅର୍ଜନ କଲି ତାହା ମୋ ଅଭିନୟ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେଲା। ହେଲେ ପାଠ ପଢ଼ିବା ସମୟରେ ମୁଁ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ଆଶା ରଖିଥିଲି। କିନ୍ତୁ ମୋ ଭାଗ୍ୟରେ ଆଉ କିଛି ଲେଖାଥିଲା। ଯାହାହେଉ ଦର୍ଶକଙ୍କର ଭଲ ପାଇବା ପାଇଁ ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।''  ୨୦୧୬ରେ ଦିଶା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଏମ.ଏସ. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'।

# ରାଜି ନ ଥିଲେ ରାଣୀ

ଥରେ ମନେ ପକାନ୍ତୁ ନା ସଞ୍ଜୟ ଲୀଲା ଭଁସାଲିଙ୍କ ହିଟ୍ ସିନେମା 'ବ୍ଲାକ୍'କୁ। ଏଥିରେ ରାଣୀ ମୁଖାର୍ଜୀଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ। ଏଥିରେ ସେ ଜଣେ ଭିନ୍ନକ୍ଷମ ଯୁବତୀ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ସେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ। ଏପରିକି ଏଭଳି ଭୂମିକାରେ ଅଭିନୟ କରିବାକୁ ମନା କରିବାକୁ ସ୍ଥିର କରିଥିଲେ। ଏଭଳି ସ୍ଥିତିରେ ରାଣୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ସଞ୍ଜୟ। ଯାହାହେଉ ଶେଷରେ ଏହି ରୋଲ୍‌କୁ ନେଇ ତାଙ୍କ ମନରେ ସୃଷ୍ଟି ହୋଇଥିବା ସମସ୍ତ ପ୍ରଶ୍ନର ଉତ୍ତର ସତେଯେମିତି ତାଙ୍କୁ ମିଳିଯାଇଥିଲା। ଏ ବିଷୟରେ ରାଣୀ କହନ୍ତି, ''ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ଏଭଳି ଏକ ଭୂମିକା ନେଇ ମୁଁ ଚିନ୍ତାରେ ପଡିଯାଇଥିଲି। ଏହାକୁ ଠିକ୍‌ରେ ତୁଲାଇ ପାରିବି କି ନାହିଁ ସେନେଇ ଅଡୁଆରେ ପଡିଥିଲି। କିନ୍ତୁ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା ପରେ ମୋ ମନରେ ସୃଷ୍ଟି ହୋଇଥିବା ସବୁ ସନ୍ଦେହ ଦୂର ହୋଇଯାଇଥିଲା। ଏହି ଫିଲ୍ମ ମୋ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ସିନେମା ହୋଇ ରହିବ।'' ଏଥିରେ ଅମିତାଭ ବଚ୍ଚନ ଜଣେ ଶିକ୍ଷକ (ଦେବରାଜ) ଭୂମିକାରେ ଅଭିନୟ କରିଥିଲେ।



ରାଣୀ

# ଚାଲିଛି ସଜବାଜ

ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ରଶ୍ମିକାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।



ରଶ୍ମିକା

ପ୍ରଥମ ରୋଜଗାର

# ପୁରସ୍କାରର ଖୁସି ଆଣି ଦେଇଥିଲା ପ୍ରଥମ ରୋଜଗାର



ସାହିତ୍ୟିକା **ମିନାକ୍ଷୀ ଦ୍ୱିବେଦୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକରେ ମୋ ଜନ୍ମ। ଘରର ପୁଣି ବଡ ଝିଅ। ପିଲାଦିନୁ ଖୁବ୍ ଚଞ୍ଚଳ ଥିଲି। ସ୍କୁଲରେ ସବୁବେଳେ ପ୍ରଥମ ହେଉଥିଲି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରସ୍ତାବ କ୍ରମେ ମୋତେ ହିଁ ଶ୍ରେଣୀରେ ଫାଷ୍ଟ ମନିଟର କରା ହେଉଥିଲା। ପ୍ରଥମ ଧାଡି ଛାଡ଼ି କି କେବେବି ଦ୍ୱିତୀୟ ଧାଡିରେ ବସିନି। ପାଠପଢ଼ାରେ ଭଲ ଥିବା ଯୋଗୁ ଶିକ୍ଷକ ଶିକ୍ଷୟିତ୍ରୀ ଯାହା ବି ଶିକ୍ଷାଦାନ କରୁଥିଲେ ମୋର ପୂରା ମୁଖସ୍ଥ ହୋଇଯାଉଥିଲା। ସ୍କୁଲ୍‌ବେଳେ ନାଟକ ବି ଲେଖୁଥିଲି ଆଉ ତାକୁ ସାଙ୍ଗମାନଙ୍କୁ ଶିଖାଉଥିଲି। ସ୍କୁଲର ବାର୍ଷିକ ଉତ୍ସବରେ ମଧ୍ୟ ଅଭିନୟ କରୁଥିଲି। ଡିବେଟ୍ ହଉ କି ରଚନା ଅଥବା କୁଇଜ କମ୍ପିଟିଶନ ସବୁଥିଲେ ଭାଗ ନେବା ଆଉ ପୁରସ୍କାର ପାଇବା ମୋର ସୁନିଶ୍ଚିତ ଥିଲା। ମତେ ଏନ୍‌ଟିଏସ୍‌ଇ ସ୍କୋଲାରସିପ ବି ମିଳିଥିଲା। କିନ୍ତୁ ସେଇ ରୋଜଗାରର ପୁଲକ ମୋ ପିଲାଦିନର ସ୍ମୃତି ସହ ଖାପ୍ପା ହୋଇଯାଇଛି। କଲେଜରେ ପାଦ ଥାପିଲା ପରେ ପରେ ମୁଁ ଥମି ଗଲି। ବୋଧହୁଏ କୋ-ଏଜୁକେସନ ଥିଲା ବୋଲି ଧୀରେ ଧୀରେ ଅନ୍ତର୍ମୁଖୀ ହୋଇଗଲି। କିନ୍ତୁ ବହି ପଢ଼ାପଢ଼ି ବହୁତ କରୁଥିଲି। ପରୀକ୍ଷା ଥାଉ ନଥାଉ ସବୁବେଳେ ବିଭିନ୍ନ ପ୍ରକାର ବହି ସଂଗ୍ରହ କରିକି ପଢୁଥିଲି। +୨ ପରେ ଓ୍ୟୁଏଟିରେ ପାଇ ବି ଯାଇ ନଥିଲି। ନନା ଦୂରରେ ହଷ୍ଟେଲରେ ରହିବାକୁ ଛାଡିଲେନି। ଏମିତି ଏମିତି ରେଭେନ୍ସାରୁ ଏମଏସସିରେ ଫାଷ୍ଟ କ୍ଲାସ ଡିଷ୍ଟିଙ୍ଗସନରେ ପାସ କଲି। ତା' ସଙ୍ଗେ ସଙ୍ଗେ ନଳିନୀ ଦେବୀରେ ବିଇଡ଼ି କଲି। ଏହାର ଅଳ୍ପଦିନ ପରେ ମୋର ବାହାଘର ହୋଇଗଲା। ଶାଶୁଘରେ ରହିଲି। ଶାଶୁଘର କାମ ସହ ଚାକିରୀ କରିବା ମୋ ପାଇଁ ସୁବିଧା ହେଲାନି। ପ୍ରଥମେ ପୁଅ ତା'ପରେ ଝିଅର ଜନ୍ମ। ମୋର ସମୟ ସେମାନଙ୍କ ଦେଖାରଖାରେ ଗଲା। ଘର କାମ ପିଲାଙ୍କ କାମରେ ସବୁବେଳେ ବାନ୍ଧି ହୋଇ ରହିଲା ମୋର ଜୀବନ। ମୁଁ ବହୁତ ଭଲ ପଢୁଥିଲି ବୋଲି ସମସ୍ତେ ଭାବୁଥିଲେ ମୋର ଭବିଷ୍ୟତରେ ଗୋଟେ ଭଲ ଚାକିରି ଥୁଆ। କିନ୍ତୁ ହେଇ ପାରିଲାନି। ମୁଁ କଲେଜରେ ପଢୁଥିବା ବେଳେ ଟ୍ୟୁଶନ ସେଣ୍ଟରରେ ଆନ୍ଧ୍ରା ମେଟ୍ରିକ ପିଲାଙ୍କୁ ପଢେଇବା ପାଇଁ ଅଫର୍ ଆସିଥିଲା। ମୋ ନନା ମନା କଲେ ମୋ ପାଠପଢ଼ାରେ ବ୍ୟାଘାତ ଘଟିବ ବୋଲି। ମୁଁ ବି ଆଗ୍ରହ ଦେଖେଇ ନଥିଲି। ବାହାଘରର କିଛି ବର୍ଷ ପରେ ଆସାମରେ ଥିଲାବେଳେ ବି ସ୍କୁଲରେ ପଢେଇବା ପାଇଁ କଲ୍ ଆସିଥିଲା। ମୁଁ ମନା କରିଦେଇଥିଲି। ଆମେ ରାଜମୁଣ୍ଡ୍ରୀରେ ଯେବେ ରହିଥିଲୁ, ସେତେବେଳେ ମୁଁ ଧୀରେ ଧୀରେ ଲେଖାଲେଖି କରିବା ଆରମ୍ଭ କଲି। ଯେହେତୁ ମୁଁ ବିଜ୍ଞାନର ଛାତ୍ରୀ ଥିଲି ବିଜ୍ଞାନଭିତ୍ତିକ ଯେ କୌଣସି ତଥ୍ୟ ଲେଖିବାକୁ ମତେ ଭଲ ଲାଗୁଥିଲା। ସେତେବେଳେ ନୂଆ ନୂଆ 'ବିଜ୍ଞାନ ଦିଗନ୍ତ' ଏକ ଓଡିଆ ବିଜ୍ଞାନ ପତ୍ରିକା ସରକାରଙ୍କ ତରଫରୁ ବାହାରୁଥିଲା କୁଳମଣି ସାମଲଙ୍କ ତତ୍ତ୍ୱାବଧାନରେ। ମୁଁ ସେଥିରେ ଲେଖା ଦେଉଥିଲି। ଗୋଟେ ଆଲେଖ୍ୟକୁ ମତେ ୧୦୦ ଟଙ୍କା ମିଳୁଥିଲା। ସେ ଟଙ୍କା ମନି ଅର୍ଡରରେ ଆସୁଥିଲା ; ଯାହା କି ଥିଲା ମୋ ଜୀବନର ପ୍ରଥମ ରୋଜଗାରର ପୁଲକ। ସମସ୍ତେ ଶୁଣିଲେ ହସିପାରନ୍ତି। ମୁଁ ୩୧ ବର୍ଷ ତଳର କଥା କହୁଛି। ପ୍ରଥମ ମନିଅର୍ଡର ପାଇ ମୁଁ ଏତେ ଖୁସି ଏତେ ଖୁସି ହେଇ ଯାଇଥିଲି ଯେ ତାହାର ସୀମା ନଥିଲା। ସ୍ୱାମୀଙ୍କ ରୋଜଗାର ଅଧିକ ଥିଲା ତେଣୁ ସେଇଠି ଶହେ ଟଙ୍କାର ସ୍ଥିତି ହୁଏତ କିଛି ମାନେ ରଖୁ ନ ଥିଲା କିନ୍ତୁ ମୋତେ ଲକ୍ଷେ ଟଙ୍କା ପୁରସ୍କାର ପାଇଲା ଭଳି ଲାଗୁଥିଲା। ସତ କହିବାକୁ ଗଲେ, ସେ ଟଙ୍କା କ'ଣ କରିଛି ମନେ ନାହିଁ। ସେତିକିରେ ମୁଁ ବହୁତ ଖୁସି ଥିଲି, କାରଣ ମୁଁ ମୋର ପଢ଼ା ଜ୍ଞାନ ପାଇଁ ଏହି ଟଙ୍କା ପାଉଥିଲି। ମୋର ଗଣିତ, ବିଜ୍ଞାନ ବହୁତ ଭଲ ହୁଏ। ପିଲା ଦୁହିଁଙ୍କ ଭବିଷ୍ୟତ ଗଢିବାରେ ମୋର ସମସ୍ତ ବିଦ୍ୟାକୁ ସେମାନଙ୍କ ପଛରେ ଲଗେଇ ଦେଇଛି । ସେମାନଙ୍କୁ ଟ୍ୟୁଶନ ଦରକାର ପଡୁ ନ ଥିଲା। ମୁଁ ପରିପୂର୍ଣ୍ଣ ଅନୁଭବ କରେ ଯେ, ମୁଁ ମୋ ପିଲାଙ୍କୁ ଭଲ ମଣିଷ କରି ପାରିଛି। ତା'ସହ ଶାଶୁଘର ଓ ବାପଘରର ସମସ୍ତ ଦାୟିତ୍ୱ ବି ତୁଲେଇ ପାରିଛି। ସ୍ୱାମୀଙ୍କର ସବୁବେଳେ ସମର୍ଥନ ମିଳିଛି। ସେତେବେଳେ ପ୍ରଥମ ରୋଜଗାର ୧୦୦ ଟଙ୍କାରେ ଯେଉଁ ଖୁସି ମିଳିଥିଲା ଏବେର କୌଣସି ରୋଜଗାର ତା'ସହ ସମାନ ନୁହଁ। ଏବେ ବି ଚାହିଁଲେ ଗଣିତ, ବିଜ୍ଞାନ ପଢେଇ ରୋଜଗାର କରି ପାରିବି। କିନ୍ତୁ ଏବେ ମୋ ମନ ସାହିତ୍ୟମନସ୍କ ହୋଇଯାଇଛି। କବିତା, ଶିଶୁଲେଖା, ଶିକ୍ଷା ଭିତ୍ତିକ ଆଲେଖ୍ୟ, ବିଜ୍ଞାନ ଭିତ୍ତିକ ଆଲେଖ୍ୟ ଲେଖି ଚାଲିଛି। ବିଭିନ୍ନ ପ୍ରତିଷ୍ଠିତ ଖବରକାଗଜ ଓ ପତ୍ରପତ୍ରିକାରେ ମୋ ଲେଖା ବାହାରୁଛି। ଶ୍ରଦ୍ଧା ଓ ସମ୍ମାନ ମିଳୁଛି । ସେହି ବିମଳ ଖୁସିରେ ମୁଁ ବହୁତ ଖୁସି ଅଛି।

# ଲାଜୁଆ ହସକୁ ଚୋରା ଚାହାଣୀ, ତହିଁରୁ ଆରମ୍ଭ ପ୍ରେମ କାହାଣୀ

ସାଥୀ



**ପ୍ରଶ୍ନ**–ଯେଉଁ ଝିଅ ଲାଜେଇ ଲାଜେଇ ଚାହେଁ, ସେଥିରେ କ'ଣ ପ୍ରେମ ଲୁଚି ରହିଥାଏ ? କାରଣ ମୋତେ ଜଣେ ଝିଅ ଏପରି ଚାହୁଁଛି ? ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ ?

*–ବିଦ୍ୟାଧର, କଟକ*

**ଉତ୍ତର:** ଜଣେ ସୁନ୍ଦରୀର ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। ସେହି ଚୋରା ଚାହାଣୀକୁ ଠିକ୍ ଭାବେ ପଢ଼ିପରିବା ଦରକାର। କାରଣ 'ଲାଜୁଆ ହସକୁ ଚୋରା ଚାହାଣୀ, ତହିଁରୁ ଆରମ୍ଭ ପ୍ରେମ କାହାଣୀ।' ଯଦି ସେହି ଲାଜକୁ ତର୍ଜମା କରି ତା'ର ଅସଲ ଅର୍ଥ ଜାଣିସାରିଲେଣି, ତା'ହେଲେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ବିକାଶ କୁମାର ଧଳ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। ହେଲେ ତା'ପରେ କ'ଣ କରିବେ ଜାଣିପାରୁନାହାନ୍ତି, ଏଇଆ ତ ? କଥାରେ ଅଛି ସମଝଦାର୍ ଆଦମୀକୋ ଇସାରା କାଫି ହୈ'। ତେଣୁ ବିଳମ୍ବ ନ କରି ଆଗକୁ ପାଦ ପକାନ୍ତୁ। ନ ହେଲେ ଏହି ପ୍ରେମ କେତେବେଳେ ତାହାର ଗତିପଥ ବଦଳାଇ ଦେବ ତାହା ନିଜେ ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ସୁମନ, ସୁନାବେଡା*

**ଉତ୍ତର:** ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ସେ ବୋଧହୁଏ ତର୍ଜମା କରୁଛି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ତେଣୁ ଅଧୈର୍ଯ୍ୟ ନ ହୋଇ ଅପେକ୍ଷା କରନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ ସେ ମୋତେ ଧୋକା ଦେଇ ଚାଲିଗଲା। ମୁଁ ଏବେ କ'ଣ କରିବି ?

*–ଆଦିତ୍ୟ ସାହୁ, ଅନୁଗୋଳ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳେ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତା'ହେଲେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ। କାରଣ କଲେଜବେଳେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ। ସେତେବେଳେ ଯଦି ନ ବୁଝି ରଂ ନମ୍ବର ଡାଏଲ କରିଦେଲେ ତାହାର ଫଳ ନିଜକୁ ହିଁ ଭୋଗିବାକୁ ହୁଏ। ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି। ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଭଲ ହେବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ?

*–ତପନ ଦାଶ, ରାଉରକେଲା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।



# ଟ୍ରି ହାଉସ୍

**ପ୍ରଚଣ୍ଡ ତାତି ଭିତରେ ଦେହ, ମନ ଚାହେଁ ଟିକେ ଶୀତଳତା । ଇଚ୍ଛା ହୁଏ ପ୍ରକୃତି କୋଳରେ ବିତାଇ ହୁଅନ୍ତା କି କିଛି ସମୟ । ଆଉ ଏମିତିରେ ଯଦି ଜଙ୍ଗଲ ଭିତରେ ଏକ ସୁନ୍ଦର ଟ୍ରି ହାଉସ୍‌ରେ ସମୟ ବିତାଇବାର ସୁଯୋଗ ମିଳେ ତେବେ କେମିତି ଲାଗିବ? ଏଠି ସେମିତି କେତୋଟି ଟ୍ରି ହାଉସ୍ କଥା ଉଲ୍ଲେଖ ରହିଛି ଯେଉଁଠି ଆରାମଦାୟକ ରହଣି ସହ ଶାନ୍ତ, ସ୍ନିଗ୍ଧ ପ୍ରାକୃତିକ ପରିବେଶକୁ ଉପଭୋଗ କରିହେବ ...**





**ତିନି ମହଲାବିଶିଷ୍ଟ ଟ୍ରି ହାଉସ୍:** କାନାଡା, ବ୍ରିଟିଶ କଲମ୍ବିଆର ଜଙ୍ଗଲ ଭିତରେ ଅଛି ଏମିତି ଏକ ଟ୍ରି ହାଉସ୍, ଯାହା ସେଇ ଜଙ୍ଗଲରେ ପରୀ ରାଇଜର ଭ୍ରମ ସୃଷ୍ଟି କରେ । ୫୦ ଫୁଟ ଉଚ୍ଚତାର ଏହି ଟ୍ରି ହାଉସ୍ ତିନି ମହଲା ବିଶିଷ୍ଟ ଅଟେ । ଏହି ତିନି ମହଲାକୁ ସଂଯୋଗ କରୁଥିବା ଅଙ୍କାବଙ୍କା ଏକ ଶିଡ଼ି ଅଛି । ଉକ୍ତ ଟ୍ରି ହାଉସକୁ ଦେଖିଲେ ଲାଗେ କାହାଣୀ ଦୁନିଆର ଚରିତ୍ରମାନେ ଏଠାରେ ରହୁଥିବେ ।

**କାଚର ଟ୍ରି ହାଉସ୍:** ସ୍ୱିଡେନର ଉତ୍ତରରେ ଆର୍କଟିକ୍ ସର୍କଲ ନିକଟବର୍ତ୍ତୀ ଛୋଟିଆ ଗାଁ ହାରାଡ୍‌ସର ଜଙ୍ଗଲ ଭିତରେ ଅଛି କାଚର ଏକ ଟ୍ରି ହାଉସ୍ । ହାଲୁକା ଆଲୁମିନିୟମର ଏକ ବର୍ଗାକାର ଢାଞ୍ଚାକୁ ଉଚ୍ଚାଗଛର ଗଣ୍ଡିରେ ଝୁଲାଇ ଏହି ଟ୍ରି ହାଉସ୍ ହୋଟେଲକୁ ତିଆରି କରାଯାଇଛି । ଏହାର ଚାରିପଟେ କାଚ ଲଗାଯାଇଛି । ଫଳରେ ଟ୍ରି ହାଉସ୍ ଚତୁଃପାର୍ଶ୍ୱରେ ଥିବା ଗଛର ଛାଇ ଏହି କାଚରେ ପଡେ । ଆଉ ଜଣାପଡେନା ସେଠାରେ ଏକ ଟ୍ରି ହାଉସ୍ ଅଛି ବୋଲି । ତେବେ ଏହା ପ୍ରକୃତରେ ଏକ ଟ୍ରି ହାଉସ୍ ହୋଟେଲ, ଯାହାର ଇଣ୍ଟେରିୟର ପ୍ଲାଏଉଡ୍‌ରେ ତିଆରି । ପରିବେଶ ସହ ମିଶିଯାଉଥିବାରୁ ଚଢେଇ ଯେମିତି ଏହା ସହିତ ଧକ୍କା ନ ହୁଅନ୍ତି ସେଥିପାଇଁ ଏହି କାଚ ଉପରେ ଟ୍ରାନ୍ସପରେଣ୍ଟ ଅଲ୍ଟ୍ରାଭାଓଲେଟ୍ କଲର୍ ଲାମିନେଟ୍ କରାଯାଇଛି, ଯାହାକି କେବଳ ଚଢେଇଙ୍କୁ ହିଁ ଦେଖାଯାଏ ।

**ଚଢ଼େଇ ବସା ପରି ଟ୍ରି ହାଉସ୍:** ଉତ୍ତର ସ୍ୱିଡେନ୍‌ର ଜଙ୍ଗଲ ଭିତରେ ଅଛି ଏକ ଟ୍ରି ହୋଟେଲ, ଯାହାକି ଦେଖିବାକୁ ପୂରାପୂରି ଚଢେଇ ବସା ପରି । ଏହାର ସ୍ୱତନ୍ତ୍ର ଡିଜାଇନ୍ ହିଁ ଅତିଥିଙ୍କୁ ଆକର୍ଷିତ କରେ । ଅତିଥିମାନଙ୍କୁ ଲାଗେ ସତେ ଯେମିତି ସେମାନେ ପ୍ରକୃତି କୋଳରେ ଅଛନ୍ତି । ହେଲେ ଏହାର ଇଣ୍ଟେରିୟର୍ ବହୁତ ମଡର୍ନ ଓ ସୋଫିଷ୍ଟିକେଟେଡ । ଏହା ଭିତରେ ସୁନ୍ଦର ବେଡ୍‌ରୁମ, ଲିଭିଂ ଏରିଆ ଓ ମଡର୍ନ ବାଥ୍‌ରୁମ ଅଛି ।

**ୟେଲୋ ଟ୍ରି ହାଉସ୍ ରେଷ୍ଟୁରାଣ୍ଟ:** ଭୂମିଠାରୁ ୧୦ ମିଟର ଉପରେ ଏକ ଉଚ୍ଚା ଗଛର ଗଣ୍ଡିରେ ଫୁଲର ପାଖୁଡା ସଦୃଶ ଏକ ଟ୍ରି ହାଉସ୍ ରେଷ୍ଟୁରାଣ୍ଟ ଦେଖିବାକୁ ମିଳେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ । ଏଠାକୁ ପହଞ୍ଚିବା ପାଇଁ କାଠର ଏକ ରାସ୍ତା କରାଯାଇଛି । ରେଡ୍‌ଉଡ୍ କାଠରେ ତିଆରି ଏହି ରେଷ୍ଟୁରାଣ୍ଟର ଉଭୟ ଇଣ୍ଟେରିୟର ଓ ଏକ୍ସଟେରିୟର୍ ଖୁବ୍ ସୁନ୍ଦର । ଏହାର ଚତୁଃପାର୍ଶ୍ୱରେ ବଡ଼ ବଡ଼ ଗଛ ରହିଛି । ଥରକରେ ୧୮ ଜଣ ଗେଷ୍ଟ ଏଠାରେ ବସି ଖାଦ୍ୟ ଖାଇବା ସହ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ ।

**ଫ୍ରି ସ୍ପିରିଟ ସ୍ଫିୟର୍ ଟ୍ରି ହାଉସ୍:** ଏଇ ଟ୍ରି ହାଉସ୍ ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ । ଲାଗେ ସତେ ଯେମିତି ଗଛ ଉପରେ ସ୍ପେସ୍‌ଶିପ୍ ଅବା ଛୋଟିଆ ପୃଥିବୀଟିଏ ଅଛି । ଏହି କୁଲ୍, ଅଜବ ଓ ଗୋଲାକାର ଟ୍ରି ହାଉସ୍ ଭିତରେ ରହିବାକୁ ଯେତିକି ମଜା ଲାଗେ ବାହାରର ପ୍ରାକୃତିକ ସୌନ୍ଦର୍ଯ୍ୟ ବି ସେତିକି ମନୋରମ । କାନାଡା, ଭାଙ୍କୋଭର୍‌ର ବର୍ଷାବଣରେ ଭୂମିଠାରୁ ଉଚ୍ଚ ଗଛରେ ଝୁଲନ୍ତା ଭାବେ ଅଛି ଏହି ଟ୍ରି ହାଉସ୍ । ଏଠାକୁ ପହଞ୍ଚିବା ପାଇଁ  କାଠର ଶିଡି କରାଯାଇଛି ।

**ଟ୍ରିହାଉସ୍ ତେତ୍‌ସୁ:** ଜାପାନରେ ଥିବା ଏହି ଟ୍ରି ହାଉସ୍‌ର ଇଣ୍ଟେରିୟର ସିମ୍ପଲ ଓ ମଡର୍ନ । ହେଲେ ବାହାରର ଦୃଶ୍ୟ ପରୀ ରାଇଜ ଭଳି ।  ତେରୁନୋବୁ ଫୁଜିମୋରିଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏହି ଟ୍ରି ହାଉସ୍ ଭୂମିଠାରୁ କିଛି ଉଚ୍ଚତାରେ ଏକ ଗଛର ଗଣ୍ଡି ଉପରେ ଅଛି, ଯାହାକି ଛୋଟିଆ କିନ୍ତୁ ବେଶ୍ ସୁନ୍ଦର । ଏହାର ଚତୁଃପାର୍ଶ୍ୱରେ ଅଛି ବଡ଼ ବଡ଼ ଚେରି ଗଛ । ଫୁଲ ଫୁଟିଲେ ସୁନ୍ଦର ଫୁଲ ଭିତରେ ଛୋଟିଆ ଟ୍ରି ହାଉସ୍ ବେଶ୍ ଆକର୍ଷକ ଲାଗେ ।








## ହାଃ ହାଃ

### ଭାଇ

ଝିଅକୁ ଦେଖିବା ପାଇଁ ପୁଅଘର ଆସିଥାନ୍ତି। ପୁଅ ଝିଅକୁ ଦୁଇ ପରିବାରର ଲୋକେ କିଛି ସମୟ ପାଇଁ ଏକୁଟିଆ ଛାଡିଦେଲେ। ଅନେକ ସମୟ ପର୍ଯ୍ୟନ୍ତ ଦୁହେଁ ଚୁପ୍ ରହିବା ପରେ..

ଝିଅ: ଭାଇ ଆପଣଙ୍କର କେତେଜଣ ଭାଇଭଉଣୀ ?

ପୁଅ: ତିନିଜଣ ଥିଲେ। ଏବେ ଆଉ ଜଣେ ଆଡ୍ ହେଲେ।

### ମୂର୍ଖ

ବୟଫ୍ରେଣ୍ଡ: ଭଗବାନ ତୁମକୁ ଏତେ ସୁନ୍ଦର କଲେ, ହେଲେ ମୁଣ୍ଡରେ ଟିକେ ବୁଦ୍ଧି ଦେଇ ନାହାନ୍ତି। ପୁରା ମୂର୍ଖ କରି ତିଆରି କରିଛନ୍ତି। ଏମିତି କାହିଁକି ?

ଗର୍ଲଫ୍ରେଣ୍ଡ: ଆମ ଦୁହିଁଙ୍କୁ ମିଶେଇବା ପାଇଁ।

ବୟଫ୍ରେଣ୍ଡ: କେମିତି ?

ଗର୍ଲଫ୍ରେଣ୍ଡ: ମୁଁ ସୁନ୍ଦର ହେଇଥିବାରୁ ତମେ ମୋ ଆଡ଼କୁ ଆକର୍ଷିତ ହେଲ। ଆଉ ମୁଁ ମୂର୍ଖ ବୋଲି ତମ ପ୍ରତି ଆକର୍ଷିତ ହେଲି।

### ସନ୍ତାନ

ସ୍ତ୍ରୀ ସ୍ୱାମୀକୁ: ମନ ଦୁଃଖ କରି କାହିଁକି ବସିଛ ?

ସ୍ୱାମୀ: ବାହାଘରକୁ ଏତେ ବର୍ଷ ହେଇଗଲା, ହେଲେ ଆମର ଛୁଆଟିଏ ହେଇପାରିଲା ନାହିଁ।

ସ୍ତ୍ରୀ:ଏଇ କଥା ! ଆଚ୍ଛା କହିଲ ଦେଖି ତମକୁ ମଶା କାମୁଡ଼ନ୍ତି ? ସ୍ୱାମୀ: ହଁ।

ସ୍ତ୍ରୀ: କାମୁଡ଼ିକି ତମର ରକ୍ତ ପିଅନ୍ତି ?


ସ୍ୱାମୀ:ହଁ।


ସ୍ତ୍ରୀ: ତମର ରକ୍ତ ପିଇଛନ୍ତି ମାନେ ତମ ରକ୍ତ ସେମାନଙ୍କ ଦେହରେ ପ୍ରବାହିତ ହେଉଛି। ତା'ମାନେ ସେମାନେ ତୁମ ସନ୍ତାନ। ତମର ତ କେତେ ସନ୍ତାନ..


ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।









ଏପ୍ରିଲ୍ ମାସରୁ ଧୀରେ ଧୀରେ ଖରାର ତାତି ବଢ଼ିବାକୁ ଲାଗେ। ଯେଉଁଥିପାଇଁ ଏହି ସମୟରେ ଅଧିକାଂଶ ପର୍ଯ୍ୟଟକ ଖାସ୍‌କରି ଦମ୍ପତି ଏମିତି କୌଣସି ସ୍ଥାନକୁ ବୁଲିଯିବାକୁ ଚାହାଁନ୍ତି, ଯେଉଁଠି ଥଣ୍ଡା ଜଳବାୟୁର ଅନୁଭବ ହେବା ସହ ରୋମାଣ୍ଟିକ୍ ପରିବେଶ ବି ଥିବା ଜାଣନ୍ତୁ ଏପ୍ରିଲ୍ ମାସରେ ବୁଲିଗଲା ଭଳି କିଛି ଖାସ୍ ରୋମାଣ୍ଟିକ୍ ଡେଷ୍ଟିନେଶନ ସମ୍ପର୍କରେ...

# ରୋମାଣ୍ଟିକ୍ ଡେଷ୍ଟିନେଶନ

✲ **ସୋନମାର୍ଗ:** ଜମ୍ମୁ ଓ କଶ୍ମୀରର ଗନ୍ଦେରବାଲ ଜିଲା ଅନ୍ତର୍ଗତ ଏକ ସୁନ୍ଦର ହିଲ୍‌ଷ୍ଟେଶନ ହେଉଛି ସୋନମାର୍ଗ। ଏହା ଗନ୍ଦେରବାଲ ଟାଉନ୍‌ରୁ ପ୍ରାୟ ୬୨କି.ମି ତଥା ଶ୍ରୀନଗରଠାରୁ ପ୍ରାୟ ୮୦କି.ମି ଦୂରରେ ଅବସ୍ଥିତ। ସୂଚନାନୁଯାୟୀ, ଏପ୍ରିଲ୍ ମାସରୁ ଜୁନ୍ ମାସ ଯାଏଁ ଏଠାକାର ତାପମାତ୍ରା ପ୍ରାୟତଃ ୧୦ ଡିଗ୍ରୀରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ଯେଉଁଥିପାଇଁ ଏହି ସମୟରେ ପର୍ଯ୍ୟଟକଙ୍କୁ ବୁଲିବାରେ ବେଶୀ କିଛି ଅସୁବିଧା ହୁଏ ନାହିଁ। ସୋନମାର୍ଗର ଏହି ମନଲୋଭା ପରିବେଶରେ ବୁଲି ବୁଲି ପର୍ଯ୍ୟଟକ ଖାସ୍ କରି ଦମ୍ପତି ଏଠାକାର ଥାଜିୱାସ୍ ଗ୍ଲାସିୟର୍, କୋଲାହୋଇ ପିକ୍, ବିଶାନ୍‌ସର୍ ହ୍ରଦ, କ୍ରିଷନ୍‌ସର୍ ହ୍ରଦ, ଗଙ୍ଗାବଲ୍ ହ୍ରଦ, ଗଡସାର୍ ହ୍ରଦ ତଥା ଆହୁରି ଅନେକ କିଛି ପର୍ଯ୍ୟଟନସ୍ଥଳୀ ଦେଖିବାର ସୁଯୋଗ ପାଇପାରିବେ।


✲ **ସ୍ପିତି ଉପତ୍ୟକା:** ହୀମାଚଳ ପ୍ରଦେଶର ସ୍ପିତି ଉପତ୍ୟକା ହେଉଛି ଏମିତି ଏକ ସ୍ଥାନ ; ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବି ବେଶ୍ ମନଲୋଭା ହୋଇଥାଏ। ବିଶେଷକରି ଏପ୍ରିଲ୍ ମାସରେ ଏଠାକାର ଥଣ୍ଡା ପାଣିପାଗରେ ବୁଲାବୁଲି କରିବାକୁ ଖୁବ୍ ଆନନ୍ଦ ଲାଗେ। କାରଣ ଏହି ସମୟରେ ସ୍ଥାନୀୟ ତାପମାତ୍ରା ପ୍ରାୟତଃ ୭ ଡିଗ୍ରୀରୁ ୧୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ତେଣୁ ବୁଲାବୁଲି କରିବାରେ ବିଶେଷ ଅସୁବିଧା ହୁଏନାହିଁ। ଖାସ୍ ସେଥିପାଇଁ ପର୍ଯ୍ୟଟକ ବିଶେଷକରି ନବବିବାହିତା ଦମ୍ପତି ଖରାଦିନେ ଏଠାକୁ ବୁଲି ଯିବାକୁ ଅଧିକ ପସନ୍ଦ କରିଥାନ୍ତି। ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ଏଠାରେ ଥିବା ବିଭିନ୍ନ ମଠ, ହ୍ରଦ ଆଦି ବୁଲି ଦେଖିପାରିବେ।

✲ **ସିକ୍କିମ୍:** ଏପ୍ରିଲ୍ ମାସରେ ବୁଲିଯିବା ପାଇଁ ସିକ୍କିମ୍ ବି ହେଉଛି ଏକ ପରଫେକ୍ଟ ଡେଷ୍ଟିନେଶନ। ଖାସ୍ କରି ଏହି ସମୟରେ ପର୍ଯ୍ୟଟକ ଟ୍ରେକିଂ କରି ବିଭିନ୍ନ ସ୍ଥାନ ବୁଲିଯିବାକୁ ଏଠାକୁ ଆସିଥାନ୍ତି। କିନ୍ତୁ ଆଉ କିଛି ପର୍ଯ୍ୟଟକ ତଥା ଦମ୍ପତି ଅଛନ୍ତି, ଯେଉଁମାନେ ସ୍ନୋ–ଫଲ୍ ତଥା ସ୍କିଂ ଓ ସ୍ନୋବୋର୍ଡିଂର ମଜା ନେବା ପାଇଁ ଶୀତଦିନେ ଏଠାକୁ ଯିବା ପାଇଁ ବେଶୀ ପସନ୍ଦ କରିଥାନ୍ତି। ମୁଖ୍ୟତଃ ଏଠାକାର ୟୁମ୍‌ଥାଙ୍ଗ ଘାଟି ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏହାକୁ ସିକ୍କିମ୍‌ର ଫୁଲର ଘାଟି ବୋଲି ବି କୁହାଯାଇଥାଏ। ପ୍ରତିବର୍ଷ ମାର୍ଚ୍ଚରୁ ଜୁନ୍ ମାସ ଭିତରେ ଏଠାରେ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ଫୁଲ ଫୁଟିଥିବାର ଦେଖିବାକୁ ମିଳିଥାଏ। ପ୍ରକୃତିପ୍ରେମୀ ତଥା ଏକାନ୍ତରେ ସମୟ ବିତାଇବାକୁ ଚାହୁଁଥିବା ଦମ୍ପତିଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ହୋଇଥାଏ।

✲ **ଉଟି:** ତାମିଲନାଡୁସ୍ଥିତ ଏହା ଏକ ହିଲ୍‌ଷ୍ଟେଶନ। ଏହାକୁ ଅନେକେ ହିଲ୍‌ଷ୍ଟେଶନର ରାଣୀ ବୋଲି ମଧ୍ୟ କହିଥାନ୍ତି। କାରଣ ଭାରତରେ ଯେତେ ସବୁ ହିଲ୍‌ଷ୍ଟେଶନ ରହିଛି, ତନ୍ମଧ୍ୟରୁ ଉଟିର ସୌନ୍ଦର୍ଯ୍ୟ ନିଆରା ଲାଗେ। ସେଥିପାଇଁ ଖରାଦିନ ହେଉକି ଶୀତଦିନ ସବୁବେଳେ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ। ଏଠାରେ ଦେଖିବାକୁ ମିଳୁଥିବା ବଟାନିକାଲ୍ ଗାର୍ଡେନ, ରୋଜ୍ ଗାର୍ଡେନ, ଉଟି ହ୍ରଦ ତଥା ଦୋଦ୍ଦାବେଟ୍ଟା ଗିରିଶୃଙ୍ଗ ଇତ୍ୟାଦି କେବଳ ସାଧାରଣ ଲୋକଙ୍କୁ ନୁହେଁ ନବଦମ୍ପତି ତଥା ପ୍ରେମୀଯୁଗଳଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ। ସେଥିପାଇଁ ହନିମୁନ୍ ଟ୍ରିପ୍‌ରେ ଯିବା ପାଇଁ ଏହାଠାରୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ।


✲ **ସିମ୍‌ଲା:** ଏହା ମଧ୍ୟ ଏକ ଲୋକପ୍ରିୟ ରୋମାଣ୍ଟିକ୍ ଡେଷ୍ଟିନେଶନ ଭାବେ ପରିଚିତ। ବିଶେଷକରି ପର୍ଯ୍ୟଟକମାନେ ତୁଷାରପାତର ଅପୂର୍ବ ଦୃଶ୍ୟ ଦେଖିବାକୁ ତଥା ଆଇସ୍ ସ୍କେଟିଂର ମଜା ନେବାକୁ ଶୀତଦିନେ ଏଠାକୁ ଆସିଥାନ୍ତି। ସେହିପରି ଖରାଦିନେ ବି ଏଠାକୁ ବୁଲି ଯାଇହେବ। କାରଣ ଖରାଦିନେ ଏଠାକାର ତାପମାତ୍ରା ବେଶ୍ ମନୋରମ ରହିଥାଏ ; ଯଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଦେଖିବାରେ ବିଶେଷ ଅସୁବିଧା ହୁଏ ନାହିଁ।

✲ **ଗୋଆ:** ରୋମାଣ୍ଟିକ୍ ଡେଷ୍ଟିନେଶନ୍ ଭାବେ ଗୋଆର ବି ବେଶ୍ ଖ୍ୟାତି ରହିଛି। କାରଣ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ନବଦମ୍ପତି ଏଠାକୁ ଖାସ୍ ହନିମୁନ୍ ଟ୍ରିପ୍‌ରେ ଆସିବାକୁ ବେଶି ପସନ୍ଦ କରିଥାନ୍ତି। ଏଠାକାର ସୁନେଲି ବେଳାଭୂମିରେ ଦମ୍ପତିମାନେ ପରସ୍ପର ସହ ହାତ ଛନ୍ଦାଛନ୍ଦି ହୋଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। ବର୍ଷର ସବୁ ସମୟରେ ଏଠାକୁ ବୁଲି ଯାଇହେବ।



# ସ୍ପେସ୍ ସୁଟ୍‌ର ରଙ୍ଗ ଦୁଇ ପ୍ରକାରର କାହିଁକି

କୌଣସି ସ୍ପେସ୍ ମିଶନ୍ ବେଳେ ଦେଖିଥିବେ ଆଷ୍ଟ୍ରୋନଟ୍ ବା ମହାକାଶଚାରୀମାନେ ଖାସ୍ ପ୍ରକାରର ସୁଟ୍ ପିନ୍ଧନ୍ତି । ଯଦି ଭଲରେ ନଜର କରିଥିବେ ଦେଖିଥିବେ ସେମାନେ କେବେ ଧଳାରଙ୍ଗର ସ୍ପେସ୍ ସୁଟ୍ ତ କେବେ କମଳା ରଙ୍ଗର ସ୍ପେସ୍ ସୁଟ୍ ପିନ୍ଧନ୍ତି । ତେବେ ଏଭଳି ଭିନ୍ନ ରଙ୍ଗର ସ୍ପେସ୍ ସୁଟ୍ କ'ଣ ପାଇଁ ଅଛି? ଏହା ପଛର ବୈଜ୍ଞାନିକ କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...





ଅନ୍ତରୀକ୍ଷ ବା ମହାକାଶରେ ନ ଥାଏ ମାଧ୍ୟାକର୍ଷଣ ଶକ୍ତି କି ନ ଥାଏ ବାୟୁ ଓ ପାଣି । ସେଠାକାର ସ୍ଥିତି ପୃଥିବୀଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ସେଠାରେ କିଭଳି ମହାକାଶଚାରୀମାନେ ଜୀବନଧାରଣ କରିପାରିବେ ସେଥିପାଇଁ ଅନେକ ଗବେଷଣା କରି ବୈଜ୍ଞାନିକମାନେ ଦୁଇ ପ୍ରକାରର ସ୍ପେସ୍ ସୁଟ୍ ଡିଜାଇନ କରିଛନ୍ତି । ପ୍ରଥମଟି ହେଉଛି ଆଡ୍‌ଭାନ୍ସଡ କ୍ରୁ୍ୟ ଏସ୍‌କେପ୍ ସୁଟ୍ ଓ ଅନ୍ୟଟି ହେଉଛି ଏକ୍ସଟ୍ରାଭେଇକୁଲାର ଆକ୍ଟିଭିଟ ସୁଟ୍ । ନାରଙ୍ଗୀ ବା କମଳା ରଙ୍ଗର ସୁଟ୍‌କୁ ଆଡ୍‌ଭାନ୍ସଡ କ୍ରୁ୍ୟ ଏସ୍‌କେପ୍ ସୁଟ୍ ଓ ଧଳାରଙ୍ଗର ସୁଟ୍‌କୁ ଏକ୍ସଟ୍ରା ଭେଇକୁଲାର ଆକ୍ଟିଭିଟି ସୁଟ୍ କୁହାଯାଏ ।

ପୋଷାକ ଆଧାରରେ ସ୍ପେସ୍ ମିଶନ୍ ଯାତ୍ରାର ଦୁଇଟି ଚରଣ ଥାଏ । ପ୍ରଥମ ଷ୍ଟେଜ୍ ହେଉଛି ପୃଥିବୀରୁ ଲଞ୍ଚ ହେବା । ଦ୍ୱିତୀୟ ଷ୍ଟେଜ୍ ହେଉଛି ମହାକାଶରେ ପ୍ରବେଶ କରିବା ପରର ଯାତ୍ରା । ଲଞ୍ଚ ସମୟରେ ଆଷ୍ଟ୍ରୋନଟ୍‌ମାନେ କମଳା ରଙ୍ଗର ସୁଟ୍, ଯାହାକି ପମ୍ପକିନ୍ ସୁଟ୍ ଭାବେ ବି ପରିଚିତ ତାକୁ ପିନ୍ଧିଥାନ୍ତି । ଲଞ୍ଚ ହେବା ସମୟରେ ସ୍ପେସ୍ ଶିପ୍ ସାଧାରଣତଃ କୌଣସି ଏକ ଦ୍ୱୀପରୁ ଲଞ୍ଚ ହୁଏ । ସେ ସମୟରେ ସ୍ପେସ୍‌କ୍ରାଫ୍ଟର ବ୍ୟାକ୍‌ଗ୍ରାଉଣ୍ଡ ସମୁଦ୍ର ଅବା ଆକାଶ ଥାଏ । ଯେହେତୁ ବ୍ୟାକ୍‌ଗ୍ରାଉଣ୍ଡ ନୀଳ ରଙ୍ଗର ହୋଇଥାଏ, ଯଦି ଲଞ୍ଚ ବେଳେ କୌଣସି ଦୁର୍ଘଟଣା ଘଟେ ଓ ଆଷ୍ଟ୍ରୋନଟ୍‌ସ ସମୁଦ୍ରରେ ପଡ଼ନ୍ତି, ତେବେ କମଳା ରଙ୍ଗର ସୁଟ୍ ଔଜ୍ଜ୍ୱଲ୍ୟମାନ ହୋଇଥିବାରୁ ଖୋଜିବା ସହଜ ହୁଏ । ସେହିଭଳି ମହାକାଶରୁ ପୃଥିବୀ ପୃଷ୍ଠକୁ ଫେରିବା ସମୟରେ ବି ଏହି କାରଣରୁ କମଳା ରଙ୍ଗର ସୁଟ୍ ପିନ୍ଧନ୍ତି । ଏହାଛଡ଼ା ଏହାର ପ୍ରେସ୍‌ରାଇଜ୍‌ଡ ଶେଲ୍ ଡିଜାଇନ୍ ଆଷ୍ଟ୍ରୋନଟ୍‌ସଙ୍କୁ ଲିଫ୍ଟ ଅପ୍ ଓ ଲାଣ୍ଡିଂବେଳେ ଦୁର୍ଘଟଣାରୁ ବଞ୍ଚାଏ । ଏହି ସୁଟ୍‌ରେ ବାୟୁ ଓ ପାଣି, ଏକ ପାରାଶୁଟ୍, ରେଡିଓ, ମେଡିସିନ୍ ବି ଥାଏ ।

ଅନ୍ୟ ସ୍ପେସ୍‌ସୁଟ୍‌ଟି ତଥା ଏକ୍ସଟ୍ରା ଭେଇକୁଲାର ଆକ୍ଟିଭିଟି ସୁଟ୍‌ର ରଙ୍ଗ ଧଳା ହେବାପଛରେ ଦୁଇଟି କାରଣ ଅଛି । ପ୍ରଥମତଃ ଯଦିଓ ସୂର୍ଯ୍ୟ ଭଳି ଅନେକ ତାରା ମହାକାଶରେ ଅଛନ୍ତି ତେବେ ବି ଅନ୍ତରୀକ୍ଷ ହେଉଛି ଘନ ଅନ୍ଧକାରମୟ । ମହାକାଶର ଏହି କଳା ବ୍ୟାକ୍‌ଗ୍ରାଉଣ୍ଡରେ ଧଳା ସ୍ପେସ୍‌ସୁଟ୍ ସ୍ପଷ୍ଟ ଦେଖାଯାଏ । ତେଣୁ କିଛି ଅଘଟଣବେଳେ ଧଳା ସ୍ପେସ୍‌ସୁଟ୍ ପାଇଁ ମହାକାଶଚାରୀମାନଙ୍କୁ ସନ୍ଧାନ କରିବାରେ ସହଜ ହୁଏ । ଦ୍ୱିତୀୟ କାରଣ ହେଉଛି ମହାକାଶରେ ମହାକାଶଚାରୀ ସୂର୍ଯ୍ୟଙ୍କର ଅଧିକ ନିକଟତର ହୋଇଥାନ୍ତି । ଧଳାରଙ୍ଗ ସାଧାରଣତଃ ସୂର୍ଯ୍ୟର ବିକିରଣ ଓ ଲାଇଟ୍‌କୁ ରିଫ୍ଲେକ୍ଟ ବା ପ୍ରତିଫଳିତ କରିଥାଏ । ତେଣୁ ଧଳା ସ୍ପେସ୍‌ସୁଟ୍‌ରେ ଉତ୍ତାପ କମ୍ ଅବଶୋଷିତ ହୁଏ ଓ ଆଷ୍ଟ୍ରୋନଟ୍‌ମାନେ ଓଭର୍ ହିଟିଂରୁ ରକ୍ଷା ପାଆନ୍ତି ।

# ମୃତ୍ୟୁର ହୋଟେଲ

ଭାରତରେ ଅନେକ ଧାର୍ମିକ ସ୍ଥଳ ଅଛି, ଯେଉଁଠି କି ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ । ସେମିତି ଏକ ଧାର୍ମିକ ସ୍ଥଳ ହେଉଛି ବାରାଣସୀ । ଏଠାକୁ ଲୋକେ ଆସନ୍ତି ମୁକ୍ତି ପାଇଁ । ଏହାର ଗଙ୍ଗାନଦୀ କୂଳେ ଅଛି ଅନେକ ମଶାଣି, ଯାହାର ନିଆଁ କେବେ ଲିଭେ ନାହିଁ । ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ଯେ, ଯାହାର ମୃତ୍ୟୁ ବାରାଣସୀରେ ହୁଏ ତାଙ୍କର ବୈକୁଣ୍ଠ ପ୍ରାପ୍ତି ହୁଏ । ତେଣୁ ଅନେକଙ୍କର ଶେଷ ଇଚ୍ଛା ଥାଏ ବାରାଣସୀରେ ହିଁ ଭସ୍ମ ହେବା । ଅର୍ଥାତ୍ ଜୀବନର ଶେଷନିଃଶ୍ୱାସ ଏହି ପବିତ୍ର ଭୂମିରେ ତ୍ୟାଗ କରିବା । ହେଲେ ଏହା ସମସ୍ତଙ୍କ ପକ୍ଷେ ସମ୍ଭବପର ହୋଇପାରେନା । ଏହାକୁ ନଜରରେ ରଖି ବାରାଣସୀରେ ଏବେ ଖୋଲିଛି କିଛି ଅଜବ ହୋଟେଲ, ଯେଉଁଠି ଲୋକେ ରହି ନିଜ ମୃତ୍ୟୁକୁ ଅପେକ୍ଷା କରନ୍ତି । ଭାବୁଥିବେ ଏହା ମିଛକଥା । ହେଲେ ଏହା ପୂରାପୂରି ସତ । 'ମୃତ୍ୟୁର ହୋଟେଲ' ନାମକ ଏହି ହୋଟେଲକୁ ଖାସ୍‌କରି ସେଇମାନେ ଆସନ୍ତି ଯେଉଁମାନେ ଦୁରାରୋଗ୍ୟରେ ପୀଡ଼ିତ ଓ ଭାବି ନେଇଥାନ୍ତି ଯେ ତାଙ୍କ ପାଖରେ ଆଉ ବେଶି ସମୟ ନାହିଁ । ତେଣୁ ଶେଷନିଃଶ୍ୱାସ ଗଣିବାକୁ ଏହି ମୃତ୍ୟୁର ହୋଟେଲରେ ଆସି ରୁହନ୍ତି ।



## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ବକି ବକି ବକ୍ତା

ପୂର୍ବେ ସଭାମାନଙ୍କରେ ବକ୍ତାଙ୍କ ଆଗମନକୁ ଅପେକ୍ଷା କରି ସଭା ବିଳମ୍ବରେ ଆରମ୍ଭ ହେଉଥିଲା । ଶ୍ରୋତା ଆସି ବକ୍ତାଙ୍କୁ ଅପେକ୍ଷା କରୁଥିଲେ । ଏବେ ଦେଖା ଯାଉଛି ବକ୍ତା ଆଗପଛ ହୋଇ ସଭାରେ ପହଞ୍ଚି ଶ୍ରୋତାଙ୍କୁ ଅପେକ୍ଷା କରୁଛନ୍ତି। ଆଗରୁ ବକ୍ତା ସଭାଗୃହରେ ପ୍ରବେଶ ସମୟରୁ ଘଣ୍ଟା ଦେଖୁଥିବେ ଯେମିତି ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଏକ ବିଶେଷ ସମସ୍ୟାର ସମାଧାନ ପାଇଁ ଯାଙ୍କ ଠାରୁ ଉପଦେଶ ନେବାକୁ ପ୍ରଧାନମନ୍ତ୍ରୀ ଅପେକ୍ଷା କରିଛନ୍ତି । ଏବେ ଶ୍ରୋତା ସଭା ସମୟ ଘଣ୍ଟାଏ ଡେଉଁ ଡେଉଁ ଆୟୋଜକଙ୍କୁ ଖୋଜିଲେଣି । ବାବୁରେ ବିଷୟର ଗାମ୍ଭୀର୍ଯ୍ୟ ମୁଣ୍ଡ ଓ କାନକୁ ବିନ୍ଧେଇ ଦେଲାଣି ଯଦି କିଛି ବ୍ୟବସ୍ଥା ଅଛି ତ ବଢା ବଢି ଆରମ୍ଭ କର ନଚେତ ପୁଡ଼ିଆଟା ଦେଇଦିଅ ଘରକୁ ଯିବୁ।

ନିକଟରେ ଜଣେ ଦିବଙ୍ଗତଙ୍କ ପୁଣ୍ୟତିଥି ଅବସରରେ ଆୟୋଜିତ ଏକ ସ୍ମୃତିଚାରଣ ସଭାରେ ମୋତେ ଯୋଗ ଦେବାର ଥିଲା । ଲମ୍ବା ନିମନ୍ତ୍ରଣ ପତ୍ରରେ ପ୍ରାୟ ଅଧଡଜନ ସରିକି ବକ୍ତାଙ୍କ ନାମ ଉଲ୍ଲେଖ ଥିଲା । ନିର୍ଘଣ୍ଟ ସମୟର ଏକ ଘଣ୍ଟା ପରେ ମଧ ସଭା ଗୃହରେ ହାତ ଗଣତି ଆଠ ଦଶ ଜଣଙ୍କୁ ଛାଡିଦେଲେ ଆଉ କେହି ନଥାନ୍ତି । ସଭାରେ ବକ୍ତା ଚାରି, ଶ୍ରୋତା ଦଶ । ଆୟୋଜକ ଆରମ୍ଭରୁ ଘୋଷଣା କଲେ ଯେ ରାସ୍ତାରେ ଟ୍ରାଫିକ ଭିଡ଼ ଯୋଗୁଁ ଅନ୍ୟତମ ଅତିଥି ମଝି ରାସ୍ତାରେ ଫସିଛନ୍ତି, କୌଣସି ମୁହୂର୍ତ୍ତରେ ପହଞ୍ଚି ପାରନ୍ତି । ତେଣୁ ବିଳମ୍ବ ନ କରି ସଭାକାର୍ଯ୍ୟକୁ ଆରମ୍ଭ କରୁଛୁ । ମାର ମାର ଭଣ୍ଡାରୀକୁ ମାର ଭଳି ପ୍ରାୟ ପ୍ରତି ବକ୍ତାଙ୍କ ବିଳମ୍ବର ଦୋଷ ରାସ୍ତାରେ ଟ୍ରାଫିକ ଭିଡ଼କୁ ଯାଉଥାଏ । ଏହାକୁ ବିଡମ୍ବନା କୁହନ୍ତୁ କି ଦୁର୍ଯୋଗ ଫସିରହିଥିବା ଅତିଥି କେବେବି ସଭା ସରିବା ପୂର୍ବରୁ ଭିଡ଼ ଭିତରୁ ବାହାରିପାରନ୍ତି ନାହିଁ । ସଭାରେ ବକ୍ତାଙ୍କ ବକ୍ତବ୍ୟ ଯେତିକି ଲମ୍ବୁଥାଏ ଗୃହରେ ଉପସ୍ଥିତ ଶ୍ରୋତାଙ୍କ ଉପସ୍ଥାନ କମିବାରେ ଲାଗିଥାଏ । ଶେଷକୁ ମୋତେ ମିଶେଇ ତିନିଜଣ ଶ୍ରୋତା । ମଞ୍ଚରେ ନିଜ ବକ୍ତବ୍ୟ ରଖିବାକୁ ଅପେକ୍ଷାରତ ଶେଷ ବକ୍ତା । ତାଙ୍କ ଆଖିରୁ ଜାଣିପାରୁଥିଲି ଯେମିତି ସେ ମୋତେ କହୁଛନ୍ତି, ତୁମକୁ ତୁମ ମାଆ ରାଣ ଆଉ କିଛି ସମୟ ଅଟକିଯାଅ ।

ଏକ ସଫଳ ସଭାକାର୍ଯ୍ୟକୁ ଦୁଇଘଣ୍ଟା ଯାଏଁ ଘୋଷାଡିବାକୁ ହୁଏ । ବକ୍ତା ଅଛନ୍ତି ମାନେ ସେମାନେ ବକିବେ । ଯଦି ବାଗ୍ମୀଙ୍କ ଆଶୀର୍ବାଦ ରହିବ ତେବେ ବିନା ଶ୍ରୋତାରେ ବି ସଭା ପାଞ୍ଚ ଘଣ୍ଟା ଚାଲିପାରିବ । ଥରେ ଜଣେ ବାଗ୍ମୀଙ୍କୁ ପଚାରିଲି ଆପଣ ଭାଷଣ ଦେଲା ବେଳେ କାହିଁକି ଶ୍ରୋତାଙ୍କୁ ନ ଦେଖି ସାମ୍ନାରେ ବସିଥିବା ନିର୍ଦ୍ଦିଷ୍ଟ ଜଣେ ଦି ଜଣ ଶ୍ରୋତା ନଚେତ ଛାତ, ପଙ୍ଖା କିମ୍ବା ଡାଏସକୁ ଦେଖି ଭାଷଣ ଦିଅନ୍ତି! ଆପଣଙ୍କୁ ମିଛ ମୋତେ ସତ ସେ ଯାହା କହିଲେ ତାହା ଅବିକଳ ଏହିପରି । "ଯେଉଁ ଉତ୍ସାହ ନେଇ ମୁଁ ଭାଷଣ ଦେବା ଆରମ୍ଭ କରେ ଯଦି ଶ୍ରୋତାଙ୍କ ଆଡକୁ ଅନେଇବି ତେବେ ବିଷର୍ଣ୍ଣ ହେବାଟା ଥୟ । ଦେଖିବି କାହିଁକି ଦୁଃଖୀ କି ଅପମାନିତ ହେବି କାହିଁକି ?" ସତକଥା ମୁଁ ଦେଖିଛି ବକ୍ତା ଭାଷଣ ଦେଲାବେଳେ ଅନେକ ଗୋଡ଼କୁ ମଞ୍ଚ ଆଡକୁ ଲମ୍ବେଇ ଘୁମଉଥିବେ ତ କେହି ମୋବାଇଲ ଦେଖୁଥିବେ । କେହି ପାଖ ଶ୍ରୋତାଙ୍କ ସହ ଗପ ଜମେଇଥିବେ ତ ଥୋକେ ସଭା ଗୃହ ବାହାରେ ଠିଆ ହୋଇ କଥା ହେଉଥିବେ। ସେଲ୍ଫି , ଫଟୋ ଉଠା କଥା ନକହିଲେ ଭଲ । ଶ୍ରୋତା ଯେମିତି ଦୋକାନ ଖୋଲାହେଉଥିଲାବେଳେ ପହଁଚିଥିବା ଗରାଖ। ଦୋକାନୀ ତାଙ୍କୁ ବାହାରେ ଛିଡ଼ା କରେଇ ଦୋକାନ ଝାଡୁଥିବ ତା'ପରେ ଜିନିଷ ସଜେଇବ ଓ ଶେଷରେ ଠାକୁରଙ୍କୁ ଧୂପ ଦେଲା ପରେ ଯାଇଁ ଗରାଖକୁ ଜିନିଷ ଦେବ । କୌଣସି ସାଂସ୍କୃତିକ କିମ୍ବା ପୁରସ୍କାର ଉତ୍ସବ ଇତ୍ୟାଦି ଭଳି କାର୍ଯ୍ୟକ୍ରମରେ ଭାଷଣ ଦେଲାବେଳେ ମୋତେ ସବୁ ଶ୍ରୋତାଙ୍କ ଭିତରେ ଦୋକାନ ବାହାରେ ଜିନିଷ ନେବା ପାଇଁ ଅପେକ୍ଷାରତ ଗରାଖର ଅସହାୟ ମୁହଁ ଦେଖାଯାଏ । ଯାହାକୁ ଦୋକାନୀର ପ୍ରତିଟି ପ୍ରାରମ୍ଭିକ କାର୍ଯ୍ୟ ଅନାଶ୍ୟକ ଓ ବିରକ୍ତିକର ଲାଗେ । ସତକଥା ହେଲା କୌଣସି ସଭାରେ ସତୁରୀ ଭାଗ ଲୋକ ଶୁଣନ୍ତି ନାହିଁ ଖାଲି ଶୁଣିବାର ଅଭିନୟ କରୁଥାନ୍ତି । ବାକି କୋଡିଏ ଭାଗ ଲୋକ ଶୁଣୁଥିଲେ ବି ଅଦରକାରୀ ଭାବି କିଛି ମନେ ରଖନ୍ତି ନାହିଁ । ଆଉ ବାକି ଦଶ ଭାଗ ଲୋକଙ୍କ ଭାଷଣ କିମ୍ବା ଅନ୍ୟ କାର୍ଯ୍ୟକ୍ରମ ସହ କିଛି ସମ୍ପର୍କ ନଥାଏ । ସେମାନେ ଆୟୋଜକଙ୍କ ସାଙ୍ଗ ଭାଇ ଦାଦା ଖୁଡି ହିସାବରେ ଆସିଥାନ୍ତି କାଳେ ନଗଲେ କଥାଟା ଖରାପ ହେବ ବୋଲି ।

ଉଚ୍ଚ ପଦବୀରୁ ଅବସର ନେଇଥିବା ଜଣେ ତଥାକଥିତ ବିଦ୍ୱାନଙ୍କ ଧାରଣା ଥିଲା ଯେହେତୁ ସେ ବଡ଼ ପଦବୀରେ ଚାକିରୀ କରୁଥିଲେ ତେଣୁ ଅନ୍ୟମାନଙ୍କ ଠାରୁ ସେ ଅଧିକ ବୁଦ୍ଧିଆ । ଏହି ଆତ୍ମବିଶ୍ୱାସ ତାଙ୍କର ଏତେ ପ୍ରଖର ଥିଲା ଯେ




ପୃଥିବୀର ଯେ କୌଣସି ବିଷୟ ଉପରେ କଥା ପଡୁ ପଡୁ ସେ ଅନର୍ଗଳ ଗପି ପାରୁଥିଲେ । ସଭାସମିତିକୁ ନିମନ୍ତ୍ରିତ ହୋଇ ସକାଳେ ରାମଚନ୍ଦ୍ର ଭବନରେ ଶିଶୁ ଶ୍ରମିକଙ୍କ ଉପରେ ଭାଷଣ ଦେଇ ପୂର୍ବାହ୍ନରେ ଟାଉନ ହଲରେ ମହାକାଶ ଗବେଷଣା, ଅପରାହ୍ନରେ ସହିଦ ଭବନରେ ବିଶ୍ୱ ଅର୍ଥନୀତି ଓ ସନ୍ଧ୍ୟାରେ ସାରଳା ଭବନରେ ଭଞ୍ଜ ସାହିତ୍ୟ ଉପରେ ଭାଷଣ ଦେଇପାରୁଥିଲେ । ତାଙ୍କ ଭାଷଣରେ ଥାଏ ବିବିଧତା । ରୀତିଯୁଗ ସାହିତ୍ୟ ଉପରେ ଭାଷଣ ଦେଉ ଦେଉ ସେ ଆମେରିକା ନିର୍ବାଚନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ବାଟ ଦେଇ ଅବଧୂତ ଗୋସ୍ୱାମୀଙ୍କ ପାଖରେ ଅନାୟସରେ ପହଞ୍ଚି ପାରୁଥିଲେ। ସେ କି ବାଗ୍ମୀ ଯିଏ ଭାଷଣରେ ଢ଼ିଙ୍କି ଢ଼ାଙ୍କୁଣୀ ଢେଙ୍କାନାଳର ସମନ୍ୱୟ କରିନପାରିଲେ । ମନସ୍ତତ୍ତ୍ୱବିତମାନେ କୁହନ୍ତି ମଣିଷ ବୁଢା ହେଲେ କାଳେ ଗପିବାକୁ ବେସି ଇଚ୍ଛା ହୁଏ । ସେଇଥିପାଇଁ ସ୍ୱାମୀ ଗଭୀରାନନ୍ଦ କହିଛନ୍ତି ପିଲାଙ୍କୁ ନଦେ ବାଇକି, ବୁଢ଼ାଙ୍କୁ ନଦେ ମାଇକି । ପିଲାଙ୍କୁ ଗାଡି ଚଲେଇବାକୁ ଦେଲେ ଧକ୍କାରେ ନିଜେ ତ ମରିବେ ତା' ସଙ୍ଗରେ ଆଉ ଦିଜଣ ନିରୀହ ଲୋକଙ୍କୁ ମାରିବେ । ସେମିତି ବୟସ୍କ ବାଗ୍ମୀ ଥରେ ଭାଷଣ ଦେବା ଆରମ୍ଭ କଲେ ତାହା କେତେବେଳେ ସରିବ ସେ ନିଜେ ବି ଜାଣିନଥାନ୍ତି ।

କିଛି ରାଜନେତା ଅଛନ୍ତି ଯିଏ କହିଲା ବେଳେ ପାଟିରେ ବାଟୁଳି ବାଜେନି । କଣ କହୁଛନ୍ତି, କାହିଁକି କହୁଛନ୍ତି, କାହାକୁ କହୁଛନ୍ତି ସେଥିପ୍ରତି ସେମାନଙ୍କ ନଜର ନଥାଏ । ଆକାଶରୁ ଫୁଲ ତୋଳି ସେଥିରେ ମାଳା ଗୁନ୍ଥି ପାରିବାର ସୂକ୍ଷ୍ମ କଳା ଏମାନଙ୍କୁ ଜଣା । ଏ ପର୍ଯ୍ୟନ୍ତ ଜଣେବି ରାଜନେତାଙ୍କୁ ଭେଟିନି ଯିଏ ନମ୍ରତାର ସହ କହିବେ ଆପଣ ଯେଉଁ ଆଲୋଚନା ଚକ୍ରକୁ ମୋତେ ମୁଖ୍ୟ ଅତିଥି କରି ଡାକୁଛନ୍ତି ସେ ବିଷୟରେ ମୋର ଜ୍ଞାନ ନାହିଁ ।

ଏସବୁ ଦେଖିଲେ ମୋର ସ୍କୁଲବେଳର କଥା ମନେପଡେ । ଆମ ସ୍କୁଲରେ ପ୍ରତିଦିନ ପାର୍ଥନା ପରେ ପାଳି ଅନୁଯାୟୀ ଜଣେ ଛାତ୍ର କୌଣସି ମହାପୁରୁଷଙ୍କ ଏକ ସୁବିଚାର ପଢି ଶୁଣାଏ । ମୋର ପାଳି କିନ୍ତୁ ପ୍ରତି ମାସରେ ଦୁଇ ତିନିଥର ଆସେ । ତାହାର କାରଣ ହେଲା ମୋର ପ୍ରଗଲ୍‌ଭତା। ମୁଁ କହିଲାବେଳେ ବିନା କମା ଫୁଲ୍‌ଷ୍ଟପରେ ବିଭିନ୍ନ ମହାପୁରୁଷଙ୍କ ବାଣୀକୁ ଉଲ୍ଲେଖ କରି କହିପାରୁଥିଲି। ବିବେକାନନ୍ଦ କହିଛନ୍ତି, ଅବଦୁଲ କାଲାମ କହିଛନ୍ତି, ଗାନ୍ଧିଜୀ କହିଛନ୍ତି, ବାଇରନ କହିଛନ୍ତି ଇତ୍ୟାଦିଙ୍କ ନାଁ ଲଗେଇ ମୁଁ ମୋ ନିଜ ମନଗଢା କଥା କହିଦିଏ । ଯେହେତୁ ମୋ କହିବାରେ ଥାଏ ନିରନ୍ତର ପ୍ରବାହ ତେଣୁ କାହାର ଅବିଶ୍ୱାସ କରିବାର ଯୁ ନଥାଏ । ମୁଁ ଜାଣିଥାଏ ସ୍କୁଲର କେଉଁ ଛାତ୍ର କିମ୍ବା କେଉଁ ଶିକ୍ଷକ ଏତେ ସବୁ ମହାପୁରୁଷଙ୍କୁ ସମ୍ପୂର୍ଣ୍ଣ ପଢି ନ ଥିବେ। ତେଣୁ ଯାହା ମୁଁ କହେ ତାକୁ ସମସ୍ତେ ବିଶ୍ୱାସ କରିଯାଅନ୍ତି । ଯଦି ବା କେଉଁ ଶିକ୍ଷକଙ୍କ ମନରେ ସଂଶୟ ଆସେ ଯେ ବିବେକାନନ୍ଦ ଏପରି କେଉଁ ବହିରେ କହିଛନ୍ତି କାହିଁ ପଢିଲା ଭଳି ଲାଗୁନି । ତଥାପି "ଆଲୋ ସଖୀ ଆପଣା ମହତ ଆପେ ରଖି" ନ୍ୟାୟରେ ସେ ନିରବ ରୁହନ୍ତି । କାରଣ ପଚାରିଦେଲେ କାଳେ ଛାତ୍ରଛାତ୍ରୀମାନେ ଭାବିବେ ସାର୍ ବିବେକାନନ୍ଦଙ୍କୁ ପଢ଼ିନାହାନ୍ତି ସୁତରାଂ ଅଯଥା ଚିନ୍ତା ନକରି କୌଣସି ଶିକ୍ଷକ ମୋତେ କେବେ କିଛି ପ୍ରଶ୍ନ କରିନାହାନ୍ତି ଓଲଟା ଏତେ ସବୁ ମହାପୁରୁଷମାନଙ୍କୁ ପୁଛି ବୋଲି ସମସ୍ତଙ୍କ ସାମ୍ନାରେ ମୋର ପ୍ରଶଂସା କରନ୍ତି । ଆଜି ବି ମୋର ସ୍କୁଲସାଥିମାନେ କୁହନ୍ତି ଅଭିଜ୍ଞାନ ସିନା ବହୁ କଷ୍ଟରେ ପରୀକ୍ଷାରେ ପାସ କରୁଥିଲା ହେଲେ ସେ ପିଲାଟିବେଳୁ ବହୁପାଠୀ ଥିଲା । ସ୍କୁଲ ସମୟରୁ ଅନେକ ମହାପୁରୁଷଙ୍କୁ ପଢି ଆତ୍ମସ୍ଥ କରିସାରିଥିଲା। ଯଦି କହିବାରେ ଚଟୁଳତା ଓ ନିରନ୍ତରତା ଅଛି ତେବେ ଯେ କୌଣସି ଅସତ୍ୟକୁ ସତ୍ୟ ବୋଲି ପ୍ରତ୍ୟୟ ଦେଇ ହେବ । ବିଛୁଆତି ଦୁଇ ପତ୍ରରୁ କୁଣ୍ଢେଇ ହେଲାଭଳି ସ୍କୁଲ ସମୟରୁ ମୋ ଭିତରେ ବିକଶିତ ହୋଇସାରିଥିବା ଏହି ବାଗ୍ମୀତା ଗୁଣଟି ଭବିଷ୍ୟତରେ ମୋତେ ବ୍ୟବସାୟର ସଫଳତାର ପାହାଚ ଚଢେଇବାରେ ବହୁତ ସାହାଯ୍ୟ କରିଛି । କହିବା ବାହୁଲ୍ୟ ପ୍ରଗଲ୍‌ଭତା ସବୁବେଳେ ଖରାପ ନୁହେଁ । ସ୍ଥାନ କାଳ ପାତ୍ର ବିଶେଷରେ ଏହା ଆପଣଙ୍କୁ ଜଣେ ଗୁଣୀ ଜ୍ଞାନୀ ବିଦ୍ୱାନ ବାଗ୍ମୀର ପରିଚୟ ମଧ ଦେଇପାରେ ।

ଏବେ ବେଶ କିଛି ମାସ ହେବ ମୁଁ ସାହିତ୍ୟ ସଭାକୁ ଯାଇ କିଛି ବହୁଳ ଦୃଶ୍ୟମାନ ବକ୍ତାଙ୍କୁ ଅନୁସରଣ କରୁଛି । ସେମାନେ ପ୍ରତି ସଭାରେ ଦେଉଥିବା ବକ୍ତବ୍ୟକୁ ଧ୍ୟାନ ପୂର୍ବକ ଶୁଣୁଛି । ଆଶ୍ଚର୍ଯ୍ୟର କଥା ସେମାନଙ୍କ ଭାଷଣରେ ସେମିତି କିଛି ନୂତନତ୍ୱ ଦେଖୁନାହିଁ । ସେଇ ଗୋଟିଏ କଥା । ସାହିତ୍ୟକୁ ନେଇ ଭାବପୂର୍ଣ୍ଣ, ଆବେଗମୟ ବକ୍ତବ୍ୟ । ଅଳ୍ପ କିଛି କଥାକୁ ଗୋଳେଇ ଘାଣ୍ଟି ପ୍ରତି ସଭାରେ କହୁଥିବାର ଦେଖୁଛି । ଆଜି ଯାହା କହୁଛନ୍ତି ତାକୁ ଗତକାଲି ଅନ୍ୟଏକ ସଭାରେ କହିଥିଲେ ଓ ସେଇ ସମାନ କଥା ଦୁଇ ଦିନ ତଳେ ବି କହିଥିଲେ । ଗୋଟିଏ ଦୁଇଟି କଥାକୁ ଟାଣି ଓଟାରି ବକ୍ତବ୍ୟ ସାରିଦେଇପାରିବାର ଅଦ୍ଭୁତ ସାମର୍ଥ୍ୟ ଏହି ବାଗ୍ମୀମାନଙ୍କ ପାଖରେ ଦେଖୁଛି ଏବଂ ନିଜେ ଅଭ୍ୟାସ ମଧ କରୁଛି। ଦିନ ଆସିବ ଲୋକେ କହିବେ ଅଭିଜ୍ଞାନ ଭଳି ବାଗ୍ମୀ କେହି ଏହି ଜଗତରେ କାହିଁ!!

– ବନମାଳୀ ଭବନ, ଖାନ୍ ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା




### ଜାଗ୍ରତ ଶ୍ରୀଜଗନ୍ନାଥ

ପ୍ରକାଶକ – ଶ୍ରୀଜଗନ୍ନାଥ ମହୋତ୍ସବ
କମିଟି, କୁରାଙ୍ଗ ଶାସନ, ନିଆଳି –୨୦୨୫
ମୁଖ୍ୟ ସମ୍ପାଦକ – କଳ୍ପତରୁ ଖୁଣ୍ଟିଆ , ମୂଲ୍ୟ – ୧୦୧/–

ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ଙ୍କ ସମ୍ପାଦନା ରେ ପ୍ରକାଶିତ ଉକ୍ତ ବିଶେଷାଙ୍କ ଟି ଆମର ହସ୍ତଗତ ହୋଇଛି । ଏଥିରେ ମୋଟ ୫୧ ଟି ଲେଖା ସ୍ଥାନିତ ହୋଇଛି । ସମସ୍ତ ଲେଖା ଶ୍ରୀଜଗନ୍ନାଥ ଙ୍କୁ କେନ୍ଦ୍ର କରି ଲେଖା ହୋଇଛି । ଶ୍ରୀସନ୍ନ୍ୟାସୀ ଜୀ ଙ୍କ ଦ୍ୱାରା ଲିଖିତ ସମ୍ପାଦକୀୟ ଟି ଖୁବ ତତ୍ତ୍ୱ ଭିତ୍ତିକ ହୋଇଛି । ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର,ଶ୍ରୀମନ୍ଦିର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ( ଆଇ. ଏ.ଏସ ), ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ଶ୍ରୀମନ୍ଦିର ପ୍ରାକ୍ତନ ପ୍ରଶାସକ ରାଜେନ୍ଦ୍ର ବେହେରା, ଗବେଷକ ଅସିତ ମହାନ୍ତି,ଡଃ ଭାସ୍କର ମିଶ୍ର, ଡଃ ତ୍ରିନାଥ ପଟ୍ଟନାୟକ, ବିଜୟ କୁମାର ମହାନ୍ତି, ଲିଙ୍ଗରାଜ ମହାନ୍ତି, ପ୍ରସନ୍ନ କୁମାର ମିଶ୍ର, ଦୋଳଗୋବିନ୍ଦ ପଣ୍ଡା, ଡକ୍ଟର ନରେଶ ଚନ୍ଦ୍ର ଦାସ, ଛନ୍ଦା ମିଶ୍ର, ଡକ୍ଟର ଅଭିମନ୍ୟୁ ବରାଳ, ଅଲେଖ ମିଶ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଡକ୍ଟର ଶ୍ରୀହରି ପଣ୍ଡା, ଡକ୍ଟର ଭାରତ ଭୂଷଣ ରଥ ଆଦି ବହୁ ପ୍ରସିଦ୍ଧ ଲେଖକଙ୍କ ଲେଖା ରେ ଏହାର କଳେବର ସମୁନ୍ନତ । ବିଶେଷାଙ୍କ ରେ ଶ୍ରୀଜଗନ୍ନାଥ ଙ୍କର ୨୪ ବେଶ ର ରଙ୍ଗୀନ ଚିତ୍ର ମଧ ଅଛି । ଶ୍ରୀଜଗନ୍ନାଥ ଙ୍କ ବାବଦରେ ଅନେକ ନୂଆ ନୂଆ କଥା ଏଥିରେ ଅଛି। ଜଗନ୍ନାଥ ପ୍ରେମୀଙ୍କ ଦ୍ୱାରା ଏ ବିଶେଷାଙ୍କ ଟି ଅବଶ୍ୟ ସଂଗ୍ରହଣୀୟ ।

### ଭଲ ପାଇବାର ରଙ୍ଗ

ଭାନୁମତୀ ସାହୁ , ପ୍ରକାଶକ– ଜ୍ଞାନଯୁଗ ପବ୍ଲିକେଶନ,
ଭୁବନେଶ୍ୱର–୧୫, ଓଡିଶା ମୂଲ୍ୟ– ୨୦୦ଟଙ୍କା




ଏଥିରେ ୨୧ଟି ଗପ ସ୍ଥାନ ପାଇଛି । ପ୍ରଥମ ଗପର ନାମରେ ପୁସ୍ତକର ନାମକରଣ ହୋଇଛି। ଗପରେ ଝିଅକୁ କେମିତି ସ୍ନେହ ଶ୍ରଦ୍ଧା କରି ଗେଲବସରରେ ବଢାଇ ଶାଶୁ ଘରକୁ ପଠାଇବେ ସେ କଥା ଗାଳ୍ପିକା ବର୍ଣ୍ଣନା କରିଛନ୍ତି। ଗପରେ କହିଛନ୍ତି, ଝିଅଟିର ନିରାପଦ ଆଶ୍ରୟସ୍ଥଳୀ ହେଉଛି ତା'ର ଶାଶୁଘର । ତେଣୁ ବୟସ କୋଡିଏ ଛୁଇଁଲା ବେଳକୁ ଝିଅର ହାତଗଣ୍ଠି ପଡିଗଲେ ମୁଣ୍ଡରୁ ଚିନ୍ତା ଯିବ। ଝିଅର ସୁଖ ଦେଖିଲେ ବାପ, ମା' ଆଉ ବୋଉ ଖୁସି। ଏମିତି ଅନେଇ କଥା ଝିଅକୁ ନେଇ ଗପରେ ବର୍ଣ୍ଣନା କରାଯାଇଛି। ସେହିପରି ବଉଳପାଟ ଗପରେ ସ୍ୱାମୀ ସ୍ତ୍ରୀଙ୍କ ଭଲ ପାଇବାର କଥା ନିଚ୍ଛକ ଭାବେ ଗାଳ୍ପିକା ଉପସ୍ଥାପନା କରିଛନ୍ତି । ପ୍ରିୟା କିଭଳି ମ୍ଳାନ ଚାହାଣୀରେ ବଡପୁଅକୁ କହିଲେ ବାବୁରେ, ମୋ ବଡ଼ହାର ଓ ବଉଳପାଟ ଯାହାକୁ ତଉଳ ପାଟ କହନ୍ତି ତୁ ନେବୁ । ତୋ ବେହୂ ପିନ୍ଧିବ । ବାକି ସୁନାଗହଣା ଶାଢୀ ଅନ୍ୟମାନେ ନିଅନ୍ତୁ। ଏହା ଗପର ମୁଖ୍ୟ ଭାବେ ଗାଳ୍ପିକା ଉପସ୍ଥାପନ କରିଛନ୍ତି । ପୁସ୍ତକର ଯେ କୌଣସି ଗପ ପଢନ୍ତୁ ତାହା ନିଶ୍ଚୟ ନିଆରା ଲାଗିବ ।

# ବହି ପଢ଼ନ୍ତି ରକେଟ୍ ସ୍ପିଡ୍‌ରେ

ପରୀକ୍ଷା ବେଳେ ଅନେକଙ୍କର ଇଚ୍ଛା ହୁଏ ଏମିତି ହୁଅନ୍ତା କି ବହିର ପୃଷ୍ଠା ଓଲଟେଇ ଦେବାମାତ୍ରେ ସବୁ ପୃଷ୍ଠା ଫଟାଫଟ୍ ପଢ଼ିହେଇ ଯାଆନ୍ତା ଓ ସବୁ ମନେ ରହିଯାଆନ୍ତା। ହେଲେ ଏଭଳି କ'ଣ କେବେ ସମ୍ଭବ? ମଣିଷ କ'ଣ ରୋବୋ ଯେ ଏଭଳି ହୋଇପାରିବ? ତେବେ ଏଭଳି ଚମତ୍କାର କରିବା ଜଣେ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ହୋଇପାରିଛି। ସେଥିପାଇଁ ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ସେ ହେଉଛନ୍ତି ଆମେରିକାର ହାୱାର୍ଡ ଷ୍ଟିଫେନ୍ ବର୍ଗ। ସେ ଏକ ମିନିଟ୍‌ରେ ୮୦ ପୃଷ୍ଠା ଅବା ୨୫୦୦୦-୩୫୦୦୦ ଶବ୍ଦ ପଢ଼ିପାରନ୍ତି। ହାୱାର୍ଡ ୩୦୦୦୦ରୁ ଊର୍ଦ୍ଧ୍ୱ ବହି ପଢ଼ିଛନ୍ତି। ସେ କୁହନ୍ତି, ପୃଷ୍ଠାର ଆକାର




ଓ ଫଣ୍ଟ ସାଇଜ୍ ଉପରେ ନିର୍ଭର କରେ କେତେ ପଢ଼ିପାରିବି। ଯଦି ବଡ଼ ପୃଷ୍ଠାରେ ଛୋଟ ଫଣ୍ଟରେ ଲେଖା ଯାଇଥାଏ ତେବେ ଅଧିକ ଶବ୍ଦ ଗୋଟିଏ ପୃଷ୍ଠାରେ ଥାଏ, ଯାହାଫଳରେ ଅଧିକ ଶବ୍ଦ ଖୁବ୍ କମ୍ ସମୟରେ ପଢ଼ିହେବ। ଏଭଳି ଦ୍ରୁତବେଗରେ ପଢ଼ିବାର ଶୈଳୀକୁ ପରଫେକ୍ଟ କରିବା ପାଇଁ ହାୱାର୍ଡଙ୍କୁ ୩୫ ବର୍ଷ ଲାଗି ଯାଇଥିଲା। ଖୁବ୍ ଅଭ୍ୟାସ କରି ସେ ଏ ସ୍ତରରେ ପହଞ୍ଚିଛନ୍ତି।




# କ୍ୟାପ୍‌ସୁଲ କାର୍

ଦେଖିବାକୁ ବେଶ୍ ଅଜବ ଏହି କାର୍। ପିଲାଙ୍କ ସ୍ପାଇଡର୍ କାର୍ ଖେଳଣା ଭଳି ଲାଗିପାରେ। ହେଲେ ଆଡ୍‌ଭେଞ୍ଚର ଲଭର୍‌ଙ୍କ ପାଇଁ ତିଆରି ହୋଇଛି ଏହି କାର୍। ସିଙ୍ଗଲ ସିଟ୍ ଥିବା ଉକ୍ତ କାର୍‌କୁ ଦକ୍ଷିଣ ଆଫ୍ରିକାସ୍ଥ ଜୋହାନସ୍‌ବର୍ଗର ଡିଜାଇନର ଆଲ୍ଫ ଜର୍ମାନର୍ ଡିଜାଇନ କରିଛନ୍ତି। କ୍ୟାପ୍‌ସୁଲ କାର୍ ନାମକ ଏହି ଗାଡ଼ି ଓଭର ନାଇଟ ଟ୍ରିପ୍ ପାଇଁ ପ୍ରଯୁଜ୍ୟ। କାରଣ ଏଥିରେ ଲଗେଜ ରଖିବା ଲାଗି ବହୁତ ଜାଗା ଅଛି। ଇଲେକ୍ଟ୍ରିକ ମୋଟର ଦ୍ୱାରା ଏହି ଗାଡି ଚାଲେ। ଗାଡିର ଛାତରେ ସୋଲାର ପ୍ୟାନେଲ ଲାଗିଥାଏ, ଯାହାକି ବ୍ୟାଟେରିକୁ ଚାର୍ଜ କରେ। ଏଥିରେ ଜିପିଏସ୍ ନାଭିଗେଶନ ସିଷ୍ଟମ୍ ଅଛି। ଏହା ଅନ୍ୟ କ୍ୟାପ୍‌ସୁଲ କାର୍ ସହ ବି କନେକ୍ଟ ହୋଇପାରେ। ସାଇଡ୍ ମିରର୍ ବଦଳରେ ଏଥିରେ ଏକ୍ସଟରନାଲ କ୍ୟାମେରା ଲାଗିଛି, ଯାହାକି ଭିତରର ଏଲ୍‌ସିଡି ଡିସ୍‌ପ୍ଲେ ସହ କନେକ୍ଟ ହୋଇଥାଏ। ଖାସ୍‌କରି କ୍ୟାମ୍ପିଂ ପାଇଁ ଏହି ଗାଡି ଡିଜାଇନ୍ ହୋଇଛି।



# ତିନି ଫୁଟିଆ ଡାକ୍ତର



ଏଇ ପୃଥିବୀରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ନାନା ବାଧାବିଘ୍ନ ସହି ସଫଳତା ହାସଲ କରନ୍ତି ଓ ଇତିହାସ ରଚନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ଗୁଜରାଟ, ତଲାଜା ଥାଲୁକାର ୨୩ ବର୍ଷୀୟ ଗଣେଶ ବରୈୟା। ଗଣେଶଙ୍କ ଉଚ୍ଚତା ମାତ୍ର ୩ ଫୁଟ। ଏହି ଉଚ୍ଚତା ପାଇଁ ଛୋଟବେଳୁ ତାଙ୍କୁ ଅନେକ ତାଚ୍ଛଲ୍ୟ ଓ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିଛି। ତଥାପି କଠିନ ପରିଶ୍ରମ କରି ସେ ହୋଇପାରିଛନ୍ତି ଡାକ୍ତର। ଆଉ ପୃଥିବୀର ସବୁଠାରୁ ଛୋଟ ଡାକ୍ତରଭାବେ ପରିଚିତ ହେଉଛନ୍ତି। ପିଲାଦିନେ କମ୍ ଉଚ୍ଚତା ଓ ବଡ଼ ମୁଣ୍ଡ ପାଇଁ ସହପାଠୀମାନେ ଚିଡାଉଥିଲେ। ବାପା ବିଠଲ୍ ଭାଇ ଜଣେ କୃଷକ ଥିଲେ। ସ୍ୱଳ୍ପ ରୋଜଗାରରେ ଘର ଚଳୁଥିଲା। ଥରେ ଏକ ସର୍କସ ପାର୍ଟି ଗଣେଶଙ୍କୁ ନେବା ପାଇଁ ବାପା ବିଠଲ୍‌ଙ୍କୁ ଏକ ଲକ୍ଷ ଟଙ୍କାର ଅଫର୍ ଦେଇଥିଲେ। ଏଥିରେ ଗଣେଶଙ୍କ ବାପା ବହୁତ ଦୁଃଖିତ ହୋଇଥିଲେ। ପୁଅକୁ କୁଆଡ଼େ ବି ଏକା ଯିବାକୁ ଦେଇ ନ ଥିଲେ। ଗଣେଶ ଭଲ ପଢୁଥିଲେ। ତେଣୁ ସଫଳତାର ସହ ଆଗକୁ ବଢି ଚାଲିଲେ। ପିଲାଦିନୁ ଡାକ୍ତର ହେବାର ସ୍ୱପ୍ନ ଥିଲା। ତେଣୁ ସେ ଦିଗରେ ପଢିବାକୁ ଲାଗିଲେ। ପରେ ଏବିବିଏସ୍ ପାଇଁ ଆବେଦନ କଲେ। ହେଲେ ମେଡିକାଲ କାଉନ୍ସିଲ ଅଫ୍ ଇଣ୍ଡିଆ ତାଙ୍କ କମ୍ ଉଚ୍ଚତା ପାଇଁ ଆବେଦନ ରଦ୍ଦ କରିଦେଲେ। ଏହା ତାଙ୍କ ପ୍ରତି ଅନ୍ୟାୟ ବୋଲି ମନେ କରି ସେ ନିଜ ସ୍କୁଲ ପ୍ରିନ୍ସିପାଲଙ୍କ ସାହାଯ୍ୟରେ କଲେକ୍ଟର, ରାଜ୍ୟ ଶିକ୍ଷା ମନ୍ତ୍ରୀ ଏବଂ ଗୁଜରାଟ ହାଇକୋର୍ଟ ପର୍ଯ୍ୟନ୍ତ ଗଲେ। ହେଲେ କେଉଁଠାରୁ ସାହାଯ୍ୟ ମିଳିବା ନ ଥିଲା। ପରେ ସେ ସୁପ୍ରିମକୋର୍ଟ ଗଲେ। ୨୦୧୮ରେ ସୁପ୍ରିମକୋର୍ଟ ଗଣେଶଙ୍କ ସପକ୍ଷରେ ରାୟ ଶୁଣାଇଲେ। ୨୦୧୯ରେ ଗଣେଶ ଏମ୍‌ବିବିଏସ୍‌ରେ ଆଡ୍‌ମିଶନ ହେଲେ। ପରେ ଭବାନୀ ନଗରର ସର୍-ଟି ହସ୍ପିଟାଲରେ ଇର୍ଣ୍ଟର୍ନଶିପ କଲେ। ଗଣେଶ କହନ୍ତି, ''ପ୍ରଥମେ ତ ରୋଗୀ ମତେ ଦେଖି ଚକିତ ହୋଇ ଯାଉଥିଲେ। ଡାକ୍ତର ବୋଲି ବିଶ୍ୱାସ କରୁ ନ ଥିଲେ। ହେଲେ ଯେବେ ମୋର ରୋଗୀ ଦେଖିବା ଶୈଳୀ ଓ ପ୍ରତିଭା ଜାଣିଲେ ମୋ ପ୍ରତି ସେମାନଙ୍କ ମନୋଭାବ ବଦଳିଲା।''